Vol.-I, Issue No-20
16 Dec- 31 Dec. 2022
online portal : odishasanket.com
Mail ID : odishasanket@gmail.com
Price : Rs. 5.00, Page -8

ଓଡ଼ିଶା ସଙ୍କେତ
Odisha Sanket

ଫେବୃଆରୀରେ ବାହା ହେବେ
କିଆରା ଓ ସିଦ୍ଧାର୍ଥ !

RNI Regd. No. - ODIODI/2022/82445

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା

R.N.I. Title Code-ODIODI08118

କାମଧନ୍ଦା ନପାଇ ଦାଦନ ଖଟିବାକୁ ଯାଉଛନ୍ତି ଶ୍ରମିକ

ମେସିନ କରୁଛି ମନରେଗା କାମ

ଦେବଗଡ଼/ବାରକୋଟ : ଗ୍ରାମାଂଚଳର ବିକାଶ ସମେତ ଓ କାମଧନ୍ଦା ପାଉନଥିବା ଶ୍ରମିକ ମାନଙ୍କୁ କର୍ମନିଯୁକ୍ତି ପ୍ରଦାନ ଉଦ୍ଦେଶ୍ୟରେ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା(ମନରେଗା)ଆରମ୍ଭ କରିଛନ୍ତି । ମାତ୍ର କେତେକ ନିର୍ଦ୍ଦିଷ୍ଟ ନିର୍ବାଚିତ ଲୋକ ପ୍ରତିନିଧି , ଯନ୍ତ୍ରୀ ଓ ଅଧିକାରୀ ମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଦେବଗଡ ଜିଲାରେ ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି। ଶ୍ରମିକ ମାନେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ ହେଁ ମନରେଗା ଅଧିନସ୍ଥ ନିର୍ମାଣ କାର୍ଯ୍ୟରେ ଶ୍ରମିକ ମାନଙ୍କୁ ନିୟୋଜିତ କରାନଯାଇ ଦିନ ଦ୍ୱି' ପ୍ରହରେ ମେସିନ ସାହାଯ୍ୟରେ ନିର୍ମାଣ କାର୍ଯ୍ୟ କରାଯାଉଛି। ଫଳରେ ଶ୍ରମିକ ମାନେ କାମଧନ୍ଦାରୁ ବଞ୍ଚିତ ହେବାସହ ଯେଉଁ ଉଦ୍ଦେଶ୍ୟ ନେଇ ଏହି ମନରେଗା ଯୋଜନା ଆରମ୍ଭ ହୋଇଛି ତାହା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଏହି କ୍ରମରେ ମନରେଗା ଯୋଜନାରୁ ବାରକୋଟ ବ୍ଲକ କାଳିକଆପାଳ ଗ୍ରାମ ପଂଚାୟତର ନୂଆଁକେଶଲା ଭାଙ୍ଗିରି ବନ୍ଧରେ ଅମୃତ ସରୋବର ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ନୂଆଁକେଶଲା ଭାଙ୍ଗିରି ବନ୍ଧ(ପୋଖରୀ)ରେ ଅମୃତ ସରୋବର ନିର୍ମାଣ ନିମନ୍ତେ ସରକାର ୨୦୨-୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନାରୁ ୧୦ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ତେବେ ଏହାର ନିର୍ମାଣ କାର୍ଯ୍ୟରେ ଶ୍ରମିକ ମାନଙ୍କୁ ନିୟୋଜିତ କରାନଯାଇ ଦିନ ଦ୍ୱି'ପ୍ରହରେ ମେସିନ ଦ୍ୱାରା ନିର୍ମାଣ କରାଯାଉଛି। ଫଳରେ କାମ ଧନ୍ଦା ଅଭାବରୁ ହାତ ବାନ୍ଧି ବସିଥିବା ସମ୍ପୃକ୍ତ ଅଂଚଳର ଶ୍ରମିକ ମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ଦେଖିବାକୁ ମିଳିଛି।

ସେହିପରି ନିର୍ଦ୍ଦିଷ୍ଟ ନିର୍ବାଚିତ ଲୋକ ପ୍ରତିନିଧି ପଂଚାୟତ ନିର୍ବାହୀ ଅଧିକାରୀ-ଯନ୍ତ୍ରୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ସରକାରୀ ନୀତି ନିୟମର ଖୋଲା ଉଲ୍ଲଙ୍ଘନ କରାଯାଉଥିବା ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ କାଳିଆପାଳ ଗ୍ରାମ ପଂଚାୟତର ନିର୍ବାହୀ ଅଧିକାରୀଙ୍କ ମତାମତ ଲୋଡିବାରୁ ମନରେଗା ଯୋଜନାରୁ ଏହି ଅମୃତ ସରୋବର ନିର୍ମାଣ କାର୍ଯ୍ୟ ଚାଲିଥିବା ସେ ସ୍ୱୀକାର କରିବା ସହ ଗତ ୧୩ ତାରିଖରେ ବାରକୋଟ ବିଡିଓ ସେଠାକୁ ଯାଇଥିବା ବେଳେ ଶ୍ରମିକ ମାନେ ନିୟୋଜିତ ଥିବା ଦେଖିବାକୁ ପାଇଥିଲେ, କିନ୍ତୁ ନିର୍ମାଣ କାର୍ଯ୍ୟରେ ମେସିନ ବ୍ୟବହାର ହେଉଥିବା ତାଙ୍କ ନଜରକୁ ଆସିନାହିଁ ବୋଲି ଉତ୍ତର ଦେଇଛନ୍ତି । ଏଭଳି ଅନିୟମିତତା ସମ୍ପର୍କରେ ମତାମତ ପାଇଁ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବିବାଦୀୟ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସୁଇଚ ଅଫ୍ ଥିବାରୁ ମତାମତ ଜାଣିବା ସମ୍ଭବ ହୋଇନାହିଁ । ଅନ୍ୟପକ୍ଷରେ ବାରକୋଟ ବ୍ଲକର ବିଡିଓ ବିଜୟ କୁମାର ସୋଏଙ୍କ ମତାମତ ପାଇଁ ମୋବାଇଲରେ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ କଲ ରିସିଭ ନକରିବାରୁ ଏହା ସମ୍ଭବ ହୋଇନାହିଁ । ତେବେ ସେ ଯାହା ହେଉନା କାହିଁକି ଭିଜିଲାନ୍ସ ବିଭାଗ ଏ ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

ନୋବେଲ ବିଜେତା ସୁ କୀଙ୍କୁ ୩୩ ବର୍ଷ ଜେଲଦଣ୍ଡ

ନୂଆଦିଲ୍ଲୀ: ନିଷ୍ଠୁର ସାମରିକ ଶାସନର ଅସହ୍ୟ ପରିଣାମ ଜନତାଙ୍କୁ ଭୋଗିବାକୁ ପଡୁଛି। ଦମନକାରୀ ସାମରିକ ଶାସକଙ୍କ ଅତ୍ୟାଚାର ଜାରି ରହିଛି। ଦୁର୍ନୀତି ଅଭିଯୋଗରେ ଏକ କୋର୍ଟ ନୋବେଲ ପୁରସ୍କାର ବିଜେତା ଆଙ୍ଗ ସାନ ସୁ କୀଙ୍କୁ କଠୋର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଦେଶର ଲୋକପ୍ରିୟ ରାଜନୈତିକ ନେତ୍ରୀ ୭୭ ବର୍ଷୀୟା ଅଙ୍ଗ ସାଂ ସୁ କୀଙ୍କୁ ୩୩ ବର୍ଷ ଜେଲଦଣ୍ଡ ଦିଆଯାଇଛି । ସୁ କୀ ଗତ ୨୦୨୧ରୁ ଜେଲରେ ଅଛନ୍ତି । ତାଙ୍କ ବିରୋଧରେ ଦୁର୍ନୀତି, ଓ୍ୱାକି ଟକି ରଖିବା, କୋଭିଡ୍ ନିୟମ ଉଲ୍ଲଙ୍ଘନ ଆଦି ଅଭିଯୋଗ ଲଗାଯାଇଥିଲା । ଏସବୁ ଦୋଷକୁ ସାବ୍ୟସ୍ତ କରି ସାମରିକ ଅଦାଲତ ତାଙ୍କୁ ୩୩ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି । ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

ସୁ କୀ ଦଶନ୍ଧି ଧରି ସାମରିକ ଶାସନ ବିରୋଧରେ ସଂଗ୍ରାମ କରିଛନ୍ତି। ସେ ଦଶନ୍ଧି ଧରି ସେଠାରେ ଗଣତନ୍ତ୍ରର ପୁନରୁଦ୍ଧାର ପାଇଁ ଚେଷ୍ଟା କରିଆସୁଛନ୍ତି। ତାଙ୍କୁ ୧୫ ବର୍ଷରୁ ଅଧିକ ସମୟ ପାଇଁ ଗୃହବନ୍ଦୀ କରି ରଖାଯାଇଥିଲା। ଗତ ୧୯୮୯ରୁ ୨୦୧୦ ପର୍ଯ୍ୟନ୍ତ ସେ ଗୃହବନ୍ଦୀ ଥିଲେ । ଜାତିସଂଘର ଚାପ ପରେ ତାଙ୍କୁ ମୁକୁଳାଯାଇଥିଲା ଓ ୨୦୧୨ରେ ଉପନିର୍ବାଚନ ଜିତି ସାଂସଦ ହୋଇଥିଲେ । ପରେ ୨୦୧୫ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବି ସେ ବିଜୟ ହାସଲ କରିଥିଲେ । ୧୯୯୧ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଇଥିଲା । ତା'ପରେ ସେ ଦେଶର ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ତାଙ୍କୁ ପୁଣି ଗିରଫ କରାଯାଇଥିଲା।

ରାଷ୍ଟ୍ରପତିଙ୍କ ଅଞ୍ଚଳରେ ଡାକ୍ତର ଅଭାବ

ରାଇରଙ୍ଗପୁର: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମିତ ସ୍ଥାନ ରାଇରଙ୍ଗପୁର ଅଞ୍ଚଳରେ ଡାକ୍ତର ଅଭାବ। ଅଦିବାସୀ ଅଧୁଷିତ ମୟୁରଭଞ୍ଜ ଜିଲ୍ଲା ରାଉରଙ୍ଗପୁର ଅଞ୍ଚଳରେ ରୋଗୀ ହେଉଛନ୍ତି ହିନସ୍ତା। ଡାକ୍ତରୀ ସେବା ନ ପାଇ ଲୋକେ ବାଧ ହୋଇ ଅନଭିଜ୍ଞ କ୍ୱାକଙ୍କ ପାଖରେ ଚିକିତ୍ସା ହେଉଛନ୍ତି। ଫଳରେ କାହାର ଅକାଳରେ ଜୀବନ ଯାଉଛି ତ, କିଏ ରୋଗ ଯନ୍ତ୍ରଣାରେ ଶଯ୍ୟା କାମୁଡ଼ି ପଡ଼ିଛନ୍ତି। ଅନ୍ୟ ଡାକ୍ତରଖାନା କଥା ଛାଡ଼ନ୍ତୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ମୋଟ ୩୭ ଡାକ୍ତର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ମାତ୍ର ୮ ଜଣ ଡାକ୍ତର ରହିଛନ୍ତି। ଅନ୍ୟପଟେ ସୂଚନା ମିଳିଛି ୮ ଡାକ୍ତରଙ୍କ ମଧ୍ୟରୁ ୩ ଜଣଙ୍କୁ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଜାରି ହୋଇଛି। ଡାକ୍ତର ନ ଥିବାରୁ ଡାକ୍ତରଖାନାର ଅଧିକାଂଶ ବିଭାଗ ବନ୍ଦ ହୋଇଯାଇଛି। ତେଣୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର ଠପ୍ ହୋଇଯିବାକୁ ବସିଛି। ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ଏଠାରୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀ ନାହିଁ ନ ଥିବା ହିନସ୍ତା ହେଉଛନ୍ତି। ଏହି ଡାକ୍ତରଖାନା ଉପରେ ୭ ଗୋଟି ବ୍ଲକ୍‌ୟ ବିଜାତଳା, ଜାମଦା, ବହଳଦା, ବିଶୋଇ, ସୀମାନ୍ତ ତିରିଂ ଓ କୁସୁମୀ ଅଂଚଳବାସୀଙ୍କ ସମେତ ରାଇରଙ୍ଗପୁର ପୌର ପରିଷଦ ଅଞ୍ଚଳର ଲକ୍ଷାଧିକ ଲୋକେ ନିର୍ଭର କରନ୍ତି। ଏହାଛଡ଼ା ପଡୋଶୀ ଝାରଖଣ୍ଡ ଅଞ୍ଚଳର ଲୋକମାନେ ମଧ୍ୟ ଏଠାକୁ ଚିକିତ୍ସା ପାଇଁ ଆସନ୍ତି। ପ୍ରତ୍ୟେକ ଦିନ ଏଠାକୁ ୮ଶହରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏନେସ୍ଥେସିଆ, ସର୍ଜରି ଓ ପେଡ଼ିଆଟ୍ରିକ ଡାକ୍ତର ନାହାନ୍ତି। ଫଳରେ ଗୁରୁତର ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ମିଳିପାରୁନି। ଫଳରେ ସେମାନେ ବାଧ ହୋଇ ବାରିପଦା କିମ୍ବା ପଡୋଶୀ ରାଜ୍ୟକୁ ଚିକିତ୍ସା ପାଇଁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି।

ସେପଟେ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ଏହି ସୁଯୋଗର ଫାଇଦା ଉଠାଇବାକୁ କ୍ୱାକମାନେ ରାଇରଙ୍ଗପୁରର ବିଭିନ୍ନ ଗାଁ ଗୁଡିକରେ କ୍ଲିନିକ ଖୋଲି ବସିଛନ୍ତି। ବିନା ଡାକ୍ତରୀ ପରାମର୍ଶରେ ରୋଗୀଙ୍କୁ ଔଷଧ ଦେଇ ଚାଲିଛନ୍ତି। ନିଜେ ଡାକ୍ତର ହୋଇ ରୋଗୀଙ୍କ ଘରକୁ ଘର ଯାଇ ଚିକିତ୍ସା ମଧ୍ୟ କରୁଛନ୍ତି। ଫଳତଃ ହନ୍ତସନ୍ତ ହେଉଛନ୍ତି ଗରିବ ରୋଗୀମାନେ। କାରଣ ନା ସେମାନଙ୍କ ରୋଗ ସଠିକ୍ ଭାବେ ଚିହ୍ନଟ ହୋଇପାରୁଛି, ନା ସେମାନଙ୍କୁ ମାଗଣା ଔଷଧ ମିଳିପାରୁଛି। ଅଯଥା ଶୋଷଣର ଶିକାର ହେଉଛନ୍ତି ଗରିବ ରୋଗୀମାନେ। ଉପଖଣ୍ଡ ଚିକିତ୍ସାଧିକାରୀ ସମସ୍ୟା ସମ୍ପର୍କରେ ବାରିପଦା ସିଡିଏମଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନି।

ପ୍ରଥମ ମୁସଲିମ ମହିଳା ଭାବେ ଯୁଦ୍ଧ ବିମାନ ଚଳାଇବେ ସାନିଆ

ମିର୍ଜାପୁର: ଇତିହାସ ରଚିବାକୁ ଯାଉଛନ୍ତି ଉତ୍ତର ପ୍ରଦେଶର ମର୍ଜାପୁରରେ ରହୁଥିବା ସାନିଆ ମିର୍ଜା। ସେ ଦେଶର ପ୍ରଥମ ମୁସଲିମ ମହିଳା ଭାବେ ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ ଚଳାଇବେ। ସେହିପରି ରାଜ୍ୟର ପ୍ରଥମ ମହିଳା ଭାବେ ସାନିଆ ମିର୍ଜା ଫାଇଟର ଜେଟ୍ ଚଳାଇ ରେକର୍ଡ ସୃଷ୍ଟି କରିବେ।

ସାନିଆଙ୍କ ବାପା ଜଣେ ଟିଭି ମେକାନିକ୍। ମିର୍ଜାପୁର ଦେହାତ କୋଟଓ୍ୱାଲି ପୁଲିସ୍ ଷ୍ଟେସନ ଅଞ୍ଚଳରେ ଥିବା ଜାସୋବର ଗାଁରେ ପୂରା ପରିବାର ଲୋକଙ୍କ ସହ ରୁହନ୍ତି ସାନିଆ। ସେ ଏନଡିଏ ପରୀକ୍ଷାରେ ସଫଳତା ହାସଲ କରି ଯୁଦ୍ଧ ବିମାନର ପାଇଲଟ ହେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏପରି ସଫଳତା ହାସଲ କରି ସାନିଆ କେବଳ ନିଜ ଜିଲ୍ଲା ନୁହେଁ, ବରଂ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ହିନ୍ଦୀ ମିଡିୟମ ସ୍କୁଲରେ ପଢୁଥିବା ସାନିଆ ମିର୍ଜା କହିଛନ୍ତି, ଯଦି ଇଚ୍ଛାଶକ୍ତି ଓ ନିଜ ଲକ୍ଷ୍ୟ ପ୍ରତି ଜଣେ ପ୍ରତିଶ୍ରୁତିବଦ୍ଧ ରହିଛି, ତା'ହେଲେ ହିନ୍ଦୀ ମିଡିୟମ ପିଲା ମଧ୍ୟ ସଫଳତା ହାସଲ କରିପାରିବେ। ଡିସେମ୍ବର ୨୭ରେ ସେ ପୁଣେରେ ଥିବା ଏନଡିଏ ଖଡକଧଓ୍ୱାସଲାରେ ଜଏନ କରିବେ। ସାନିଆଙ୍କ ଏପରି ସଫଳତାରେ ତାଙ୍କ ପରିବାର ଓ ଗାଁ ଲୋକଙ୍କ ଛାତି ଗର୍ବରେ ଫୁଲି ଉଠିଛି। ତାଙ୍କ ବାପା ଶାହିଦ ଅଲୀ କହିଛନ୍ତି, "ସାନିଆ ମିର୍ଜା ସବୁବେଳେ ଦେଶର ପ୍ରଥମ ଯୁଦ୍ଧ ବିମାନ ପାଇଲଟ ଅବନୀ ଚର୍ତୁବେଦୀଙ୍କୁ ତା' ଆଦର୍ଶ ମାନି ଆସିଛି। ପିଲାଟି ବେଳକୁ ଅବନୀଙ୍କ ଭଳି ହେବାକୁ ତା'ର ଇଚ୍ଛା ଥିଲା। ସାନିଆ ଦେଶର ଦ୍ୱିତୀୟ ମହିଳା ଭାବେ ଫାଇଟର ପାଇଲଟ୍ ହେବାକୁ ଯୋଗ୍ୟତା ଅର୍ଜନ କରିଛି। ଏଥିପାଇଁ ଆମେ ବହୁତ ଖୁସି।"



ସାନିଆ ମିର୍ଜା ପ୍ରଥମରୁ ୧୦ମ ଯାଏ ଗାଁରେ ଥିବା ପଣ୍ଡିତ ଚିନ୍ତାମଣି ଦୁବେ ଇଣ୍ଟର କଲେଜରେ ପାଠ ପଢ଼ିଥିଲେ। ଏହାପରେ ସେ ଗୁରୁ ନାନକ ଗାର୍ଲସ ଇଣ୍ଟର କଲେଜରେ ପଢ଼ିବା ଆରମ୍ଭ କରିଥିଲେ। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସେ ରାଜ୍ୟ ଟପ୍ପର ହୋଇଥିଲେ।

ଟପ୍ପର ହେବା ପରେ ସେ ସେଞ୍ଚୁରିଅନ ଡିଫେନ୍ସ ଏକାଡେମୀରେ ଫାଇଟର ପାଇଲଟ ହେବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ ଏହି ସଫଳତା ପାଇଁ ସବୁ ଶ୍ରେୟ ତାଙ୍କ ବାପା ମା' ଓ ସେଞ୍ଚୁରିଅନ ଡିଫେନ୍ସ ଏକାଡେମୀକୁ ଦେଇଛନ୍ତି। ୨୦୨୨ ଜାତୀୟ ପ୍ରତିରକ୍ଷା ଏକାଡେମୀ ପରୀକ୍ଷାରେ ମାତ୍ର ୨ଟି ପଦ ମହିଳା ଫାଇଟର ପାଇଲଟ ପାଇଁ ରହିଥିଲା। ପ୍ରଥମ ପ୍ରୟାସରେ ସାନିଆ ସିଟ୍‌କୁ ଦଖଲ କରିପାରି ନଥିଲେ। କିନ୍ତୁ ଦ୍ୱିତୀୟ ଉଦ୍ୟମରେ ସେ ସଫଳତା ପାଇଛନ୍ତି।

ସାନିଆଙ୍କ ମା' ତବସୁମ ମିର୍ଜା କହିଛନ୍ତି, "ଆମ ଝିଅ ଆମକୁ ଓ ଆମ ପୂରା ଗାଁକୁ ଗର୍ବିତ କରିଛି। ସେ ଯୁଦ୍ଧ ବିମାନ ପାଇଲଟ ହେବାକୁ ଦେଖିଥିବା ସ୍ୱପ୍ନକୁ ପୂରଣ କରିଛି। ସେ ଏବେ ଗାଁର ସବୁ ଝିଅଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ପ୍ରେରଣା ଯୋଗାଇଛି।"

ସୁଖୋଇରୁ ମାଡ଼ ହେଲା ବ୍ରହ୍ମୋସ ମିସାଇଲ୍

ନୂଆଦିଲ୍ଲୀ: ସୁଖୋଇ ଯୁଦ୍ଧ ବିମାନ ଏସ୍‌ୟୁ-୩୦ଏମକେଆଇରୁ ଆଜି ଭାରତୀୟ ବାୟୁସେନା ବେଶ ସଫଳତାର ସହ ବ୍ରହ୍ମୋସ ମିସାଇଲ୍‌ର ବର୍ଦ୍ଧିତ ଲକ୍ଷ୍ୟଭେଦ କ୍ଷମତାର ପରୀକ୍ଷଣ କରିଛି। ଏଣିକି ସମୁଦ୍ର ମଧ୍ୟରେ ବ୍ରହ୍ମୋସ ମିସାଇଲ ୪୦୦ କିମି ଦୂରରୁ ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ସୁଖୋଇ-୩୦ ଯୁଦ୍ଧ ବିମାନରୁ ସ୍ଥଳ ଓ ସମୁଦ୍ର ପଥରେ ଟାର୍ଗେଟକୁ ହିଟ୍ କରିପାରୁଥିବା ବ୍ରହ୍ମୋସ ମିସାଇଲର ସଫଳ ପରୀକ୍ଷଣ ବାୟୁସେନା କରିଛି। ବଙ୍ଗୋପସାଗରରେ ଏହାର ପରୀକ୍ଷଣ କରାଯାଇଥିଲା।

ବାୟୁସେନା ବ୍ୟତୀତ, ଭାରତୀୟ ନୌସେନା, ଡିଆରଡିଓ, ହାଲ ଓ ବ୍ରହ୍ମୋସ ଏରୋସ୍ପେଶ ମିଳିତ ଭାବେ ପରୀକ୍ଷଣକୁ ସଫଳ କରିଛନ୍ତି। ଚଳିତ ବର୍ଷ ମେ' ମାସରେ ସୁଖୋଇ ଯୁଦ୍ଧ ବିମାନରୁ ସୁପରସୋନିକ୍ କ୍ଷେପଣାସ୍ତ୍ରର ଏକ୍ସଟେଣ୍ଡ ରେଞ୍ଜକୁ ପରୀକ୍ଷଣ କରାଯାଇଥିଲା। ସେତେବେଳେ ଏହାର ଲକ୍ଷ୍ୟଭେଦ କ୍ଷମତାକୁ ୨୯୦ କିମିରୁ ୩୫୦ କିମିକୁ ବଢ଼ିଥିଲା। ଏବେ ଏହାକୁ ୪୦୦ କିମିକୁ ବଢ଼ିଛି।

ପରୀକ୍ଷଣ ପାଇଁ ବଙ୍ଗୋପସାଗରରେ ଗୋଟିଏ ଜାହାଜକୁ ପ୍ରସ୍ତୁତ କରି ରଖାଯାଇଥିଲା। ପରୀକ୍ଷଣ ବେଳେ ବ୍ରହ୍ମୋସ ମିସାଇଲ ସୁଖୋଇରୁ ମାଡ଼ ହୋଇ ଟାର୍ଗେଟକୁ ବେଶ ସଫଳତାର ସହ ହିଟ୍ କରିଥିଲା।

ଆକାଶ ମାର୍ଗରୁ ସମୁଦ୍ରରେ ଥିବା ଟାର୍ଗେଟକୁ ହିଟ୍ କରିବା ପରୀକ୍ଷଣ ପ୍ରଥମଥର ପାଇଁ ହୋଇଛି। ପୂର୍ବରୁ କେବଳ ସ୍ଥଳଭାଗ ଓ ଜଳଭାଗରୁ ସମୁଦ୍ରରେ ଥିବା ଟାର୍ଗେଟକୁ ନଷ୍ଟ କରାଯିବା ପ୍ରଣାଳୀର ପରୀକ୍ଷଣ ହୋଇଥିଲା। ଏଥିରେ ବାୟୁସେନାକୁ ସଫଳତା ମଧ୍ୟ ମିଳିଛି। ବ୍ରହ୍ମୋସ ସୁପରସୋନିକ ମିସାଇଲକୁ ସ୍ୱଦେଶୀ ଜ୍ଞାନକୌଶଳ ଦ୍ୱାରା ଭାରତରେ ବିକଶିତ କରାଯାଇଛି। ଏଥିରେ ରାମଜେଟ୍ ଇଞ୍ଜିନର ବ୍ୟବହାର କରାଯାଇଥିବାରୁ ମିସାଇଲ ବେଗ ଅଧିକ ରହିବ। ବ୍ରହ୍ମୋସ ମିସାଇଲ ଆକାଶପଥରେ ମାର୍ଗ ବଦଳାଇବାରେ ସକ୍ଷମ। ଏହି ମିସାଇଲକୁ କୌଣସି ଟାର୍ଗେଟ ସହଜରେ ଚକମା ଦେଇପାରିବେନି।

ଗାଈ ଗୁହାଳରେ ଗଢ଼ା ହେଉଛି ଦେଶର ଭବିଷ୍ୟତ

ନବରଙ୍ଗପୁର: ଧନ୍ୟ ଆମ ରାଜ୍ୟ ସରକାର! ଛୋଟ ଛୋଟ ପିଲାଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଟିଏ କରିପାରିଲେ ନାହିଁ। ଯେଉଁଥିପାଇଁ ଦେଶର ଭବିଷ୍ୟତ ଗଢ଼ା ହେଉଛନ୍ତି ଗାଈ ଗୁହାଳରେ। ଯେଉଁଠି ରାତିରେ ବନ୍ଧା ହେଉଛନ୍ତି ଗୋରୁ, ସେଠି ସକାଳେ ପାଠ ପଢୁଛନ୍ତି ଛୋଟ ଛୋଟ ପିଲା। ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୪ ବର୍ଷ ଧରି ଗୁହାଳରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଏପରି ବିଚିତ୍ର ଚିତ୍ର ଆସିଛି ଆଦିବାସୀ ଅଧୁଷିତ ନବରଙ୍ଗପୁର ଜିଲ୍ଲାରୁ।

ତେନ୍ତୁଳିଖୁଣ୍ଟି ବ୍ଲକ୍ ଦିଗି ପଞ୍ଚାୟତ ଅନ୍ତର୍ଗତ ଗାଦବାଗୁଡା ଗାଁ। ଏହି ଗାଁରେ ଚରାମୂଳା ସାହିରେ ରହିଛି ଅଙ୍ଗନବାଡ଼ି କେନ୍ଦ୍ର-୨। ଏଠାରେ ୨୦ରୁ ଅଧିକ ପିଲା ପାଠ ପଢୁଛନ୍ତି। ହେଲେ ପିଲାଙ୍କ ପାଇଁ ନାହିଁ ଅଙ୍ଗନବାଡ଼ି କେନ୍ଦ୍ର ଗୃହ। ତେଣୁ ଜଣଙ୍କ ଗୁହାଳରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଯେଉଁ ଘରେ ରାତିରେ ବନ୍ଧା ହେଉଛନ୍ତି ଗୋରୁ, ସେଠାରେ ସକାଳେ ପାଠ ପଢୁଛନ୍ତି ଦେଶର ଭବିଷ୍ୟତ। ଦିନେ କି ଦୁଇ ଦିନ ନୁହେଁ, ୩ରୁ ୪ ବର୍ଷ ଧରି ଗୁହାଳ ଘରେ ଚାଲିଛି ପିଲାଙ୍କ ପାଠ ପଢ଼ା। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ବା ବିଭାଗୀୟ ଅଧିକାରୀଙ୍କ ନଜର ପଡ଼ି ନାହିଁ।

ଗୁହାଳରେ କେନ୍ଦ୍ର ଚାଲିଥିବା ନେଇ ଅଙ୍ଗନବାଡ଼ି କର୍ମୀ ପି. ଭବାନୀ ଆମ୍ମା କହବା କଥା ଗାଁରେ ଜାଗା ମିଳିଲା ନାହିଁ। ଘର ଭଡ଼ାରେ କେହି ଦେଲେ ନାହିଁ। ତେଣୁ ବାଧ ହୋଇ ଏଠାରେ ପିଲାମାନଙ୍କୁ ପଢ଼ାଉଛି। ରୋଷେଇ କରି ପିଲାମାନଙ୍କୁ ଖାଇବାକୁ ଦେଉଛି ବୋଲି ଆମ୍ମା କହିଛନ୍ତି।

ନୂଆ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନେଇ ଅଫିସ୍‌ରେ ଏ ସମ୍ପର୍କରେ ପଚାରି ଥିଲି। ଘର ମଞ୍ଜୁର ହୋଇଛି। ଖବ୍‌ଶୀଘ୍ର ଘର ମିଳିବ ବୋଲି ମାଡ଼ାମ କହିଛନ୍ତି।

ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପୂର୍ବରୁ ଏହି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଗୋଟିଏ ଆଜବେଷ୍ଟସ୍ ଘର ଥିଲା। ସେଠାରେ ପ୍ରତିଦିନ ସକାଳେ ପିଲାମାନେ ବସି ପାଠ ପଢୁଥିଲେ ଓ ଖାଉଥିଲେ। ହେଲେ ଘର ବିପଦ ଶଙ୍କୁଳ ଅବସ୍ଥାରେ ଥିବାରୁ ଅଭିଭାବକମାନେ ନିଜ ପିଲାଙ୍କୁ ସେଠାକୁ ଛାଡ଼ିବା ପାଇଁ ରାଜି ହେଲେନି। ତେଣୁ ଅନ୍ୟତ୍ର ଅଙ୍ଗନବାଡ଼ି ଚଳାଇବାକୁ ପ୍ରଶାସନିକ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏହା ପରେ ଅଙ୍ଗନବାଡ଼ି କର୍ମୀ ନୂଆ ଘର ଖୋଜି ଥିଲେ। ମାତ୍ର ଗାଁରେ କୌଣସି ବ୍ୟକ୍ତି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଘର ଭଡ଼ା ଦେବାକୁ ରାଜି ହୋଇନଥିଲେ।

ଓ୍ୱାର୍ଡ଼ ମେମ୍ବର ଅଭିଯୋଗ ଆଣିଛନ୍ତି ଅଙ୍ଗବାଡ଼ି କେନ୍ଦ୍ର ପାଇଁ ଘରଟିଏ ଦେବାକୁ ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ କେତେ ଗୁହାରୀ କଲୁ। ହେଲେ କେହି ଶୁଣିଲେ ନାହିଁ। ବାଧ ହୋଇ ଜଣଙ୍କ ଗୁହାଳରେ ପିଲାମାନଙ୍କୁ ପାଠ ପଢ଼ିବାକୁ ପଡୁଛି। ବର୍ତ୍ତମାନ ଦେଶର ଭବିଷ୍ୟତ ଗାଈ ଗୁହାଳରେ ଗଢ଼ା ହେଉଛନ୍ତି। ଆମେ ସରକାରଙ୍କୁ ଅନୁରୋଧ କରୁଛୁ, ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଘର ଦିଆଯାଉ।

ସେହିପରି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ଭଙ୍ଗା ଘରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଥିଲା। ତେଣୁ ନୂଆ ଘର ନିର୍ମାଣ ପାଇଁ କେତେ ନେତା ଓ ସରକାରୀ ଅଫିସରମାନଙ୍କୁ ଦରଖାସ୍ତ ଦେଇଛୁ। ହେଲେ କେହି ଶୁଣିଲେ ନାହିଁ। ତେଣୁ ବାଧ ହୋଇ ଗୁହାଳ ଘରେ ପିଲାଙ୍କ ପାଠ ପଢ଼ିବାର ବ୍ୟବସ୍ଥା କଲୁ।

ପ୍ଲାଷ୍ଟିକ ବୋତଲରେ ପାଣି ପିଉଥିଲେ ସାବଧାନ !

ପାଣି ବିନା ଜୀବନର କଳ୍ପନା ବି କରାଯାଇ ପାରେନା। ଯଦି ପାଣି ନଥାନ୍ତା ପୃଥିବୀରେ ଜୀବନ ମଧ୍ୟ ନଥାନ୍ତା। ଏକ ସମୟ ଥିଲା ଯେତେବେଳେ ଲୋକେ ନଦୀ, ପୁଷ୍କରିଣୀ ଓ କୂଅ ପାଣିରେ ସେମାନଙ୍କ ଶୋଷ ମେଣ୍ଟଉଥିଲେ। ପରେ ସମୟ ଆସିଲା ନଳ କୂଅର, ସେ ପର୍ଯ୍ୟନ୍ତ ମଧ୍ୟ ସବୁ ଠିକ୍ ଠାକ୍ ଥିଲା। ହେଲେ ଯେବେଠୁ ପ୍ଲାଷ୍ଟିକ୍ ବୋତଲରେ ପ୍ୟାକ ହୋଇ ମିନେରାଲ ପାଣି ବିକ୍ରି ଆରମ୍ଭ ହେଲାଣି ସେବେଠୁ ଆରମ୍ଭ ହୋଇଛି ଜାବତୀୟ ସମସ୍ୟା। ପ୍ଲାଷ୍ଟିକ୍ ବୋତଲରେ ବନ୍ଦ ପାଣି ପ୍ରଥମେ ବଡ଼ ହୋଟେଲମାନଙ୍କରେ ମିଳୁଥିଲା। ହେଲେ ଏବେ ରାସ୍ତା କଡ ଦୋକାନରେ ବି ବିକ୍ରି ହେବାକୁ ଲାଗିଲାଣି। ତେବେ ଯାହାକୁ ଆପଣ ମିନେରାଲ ୱାଟର କହି ପିଉଛନ୍ତି ତାହା କେତେ ହାନୀକାରକ ହୁଏତ ଅନୁମାନ ବି କରିପାରିବେନି।

ଫ୍ରଣ୍ଟିୟର ଡଟ୍ ଓଆରଜିଙ୍କ ଗବେଷଣାରୁ ଜଣାପଡିଛି ଯେ ଏହି ବୋତଲ ବନ୍ଦ ପାଣି ଉପରେ ସୂର୍ଯ୍ୟଙ୍କ କିରଣ ପଡିବାମାତ୍ରେ ଏଥିରେ ଥିବା ମାଇକ୍ରୋ ପ୍ଲାଷ୍ଟିକ ପାଣିରେ ମିଶିବାକୁ ଲାଗେ। ଯାହା ଆମ ଶରୀରକୁ ଯାଇ ବଡି ହର୍ମୋନକୁ କ୍ଷତିରେ ପକାଇଥାଏ। ଏହି ମାଇକ୍ରୋ ପ୍ଲାଷ୍ଟିକ୍ ଆମର ଏଣ୍ଡୋକ୍ରାଇନ ସିଷ୍ଟମକୁ ମଧ୍ୟ କ୍ଷତିକରିପାରେ। ଯଦି କେହି ଦୀର୍ଘ ସମୟ ଧରି ଏପରି ବୋତଲ ବନ୍ଦ ପାଣିର ବ୍ୟବହାର କରୁଥାନ୍ତି ତାଙ୍କଠାରେ ଇନଫର୍ଟିଲିଟି ସମସ୍ୟା ଉପ୍ନ୍ନ ହୋଇପାରେ।

ଏପରି ହେଲେ ଏକ ବୃହତ ଜନସଂଖ୍ୟା ବୋତଲ ବନ୍ଦ ପିଇବା ପାଣି ଯୋଗୁ ଭବିଷ୍ୟତରେ ପିତାମାତା ହେବାକୁ ଅସମର୍ଥ ହେବେ ବୋଲି ଏବେ ଆଶଙ୍କା କରାଗଲାଣି। କେବଳ ଇନଫର୍ଟିଲିଟି ନୁହେଁ ଏହା ଆମର ଜକୃତକୁ ମଧ୍ୟ ପ୍ରଭାବିତ କରିପାରେ। ବୋତଲବନ୍ଦ ପାଣିର ସବୁଠୁ ବଡ଼ ସମସ୍ୟା ହେଉଛି ଏହାକୁ ପ୍ୟାକେଜିଂ କରାଯାଉଥିବା ପ୍ଲାଷ୍ଟିକ ବୋତଲ। ଏଥିରେ ଥିବା ପାଣି ବ୍ୟବହାର ହୋଇଯିବା ପରେ ବୋତଲର କୌଣସି ଆବଶ୍ୟକତା ନଥାଏ। ଏଣୁ ଲୋକେ ତାକୁ ଏଣେତେଣେ ଫିଙ୍ଗିଥାନ୍ତି। ଯାହା ଆମ ପରିବେଶ ଲାଗି ଏବେ ସମସ୍ୟା ହୋଇ ଉଭା ହୋଇଛି।

ରିପୋର୍ଟ ଅନୁସାରେ ସାରା ପୃଥିବୀରେ ୧ ମିନିଟ୍‌ରେ ୧୦ଲକ୍ଷ ବୋତଲ ପାଣି ବିକ୍ରି ହେଉଛି। ଇୟୁରୋ ମନିଟର ଇଣ୍ଟରନ୍ୟାସନାଲଙ୍କ ଏକ ରିପୋର୍ଟ ଅନୁସାରେ ୨୦୨୧ ବର୍ଷରେ ସାରା ବିଶ୍ୱରେ ୪୮୦ ବିଲିୟନ ପ୍ଲାଷ୍ଟିକ ବୋତଲ ବିକ୍ରି କରାଯାଇଛି। ବୋତଲ ପାଣି ପିଇବାକୁ ଲୋକେ ଏଥି ପାଇଁ ବାଧ ହେଉଛନ୍ତି ଯେ ପିଇବା ପାଇଁ ସ୍ୱଚ୍ଛ ପାଣି ଏବେ କଳରୁ ମିଳୁନାହିଁ। ସହରାଞ୍ଚଳରେ ରହୁଥିବା ଲୋକେ ଯେଉଁମାନେ ଘରେ ଆକ୍ୱାଗାର୍ଡ ଲଗାଇ ପାରୁନାହାନ୍ତି ସେମାନେ ପାଣି ବୋତଲ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି।

ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ପାଣି ପ୍ଲାଷ୍ଟିକ ବୋତଲରେ ରହି ଯେତିକି ପ୍ରଦୂଷିତ ହେଉଛି ତାହା କଳରେ ବାହରୁଥିବା ପାଣିଠାରୁ ମଧ୍ୟ ଅଧିକ ପ୍ରଦୂଷିତ । ଏଥିରେ ଲେସେଣ୍ଟ ଜର୍ଣ୍ଣାଲରେ ପ୍ରକାଶିତ ଗ୍ଲୋବାଲ ବର୍ଡନ ଅଫ ଡିଜିଜ ଷ୍ଟଡିର ଏକ ରିପୋର୍ଟ ଅନୁସାରେ ୨୦୧୭ ମସିହାରେ ଦୂଷିତ ପେୟ ଜଳ କାରଣରୁ ସାରା ପୃଥିବୀରେ ୧୨ ଲକ୍ଷ ଲୋକଙ୍କୁ ପ୍ରାଣ ହରାଇବାକୁ ପଡିଛି।

ନବଜାତକଙ୍କ ଯତ୍ନ

ନବଜାତ ଶିଶୁ ପ୍ରଥମ ଶୀତରେ ଖାପଖୁଆଇବା ସାମାନ୍ୟ କଷ୍ଟକର ହୁଏ। ମା'ମାନେ ଏହି ଋତୁରେ ଶିଶୁର ଯତ୍ନ ଭଲଭାବେ ନେବା ଦରକାର।

- ବାପା-ମା'ମାନେ ଭାବନ୍ତି ଯେ ଶୀତ ଅଧିକ ହେଉଛି, ଏଣୁ ପିଲାକୁ ଗରମ କପଡ଼ାରେ ସବୁବେଳେ ଘୋଡ଼ାଇ ରଖନ୍ତି। ଏମିତି କଲେ ନବଜାତର ପେଟ ଗରମ ହୋଇ ଖାଦ୍ୟ ହଜମ ହୁଏନି। ଏପରିକି ପିଲାକୁ ଅଧିକ ସମୟ ଘୋଡ଼ାଇ ରଖିଲେ, ନିଶ୍ୱାସ ନେବାରେ ମଧ୍ୟ ଅସୁବିଧା ହୁଏ।
- ଡାକ୍ତରଙ୍କ ପରାମର୍ଶ ନେଇ ଶୀତଦିନେ ନବଜାତଙ୍କୁ ଦିଆଯାଉଥିବା ସବୁ ଟୀକା ଦେଇଦେବା ଭଲ। ଟୀକା ଦେବା ପରେ ପିଲାକୁ ଥଣ୍ଡା, କାଶ ହେବାର ଭୟ ରହେନି।
- ଶୀତରେ ନଖଉଷୁମ ପାଣିରେ ପ୍ରତିଦିନ ପିଲାକୁ ପୋଛିଦେବେ।
- ତା' ସହ ସକାଳ ସୂର୍ଯ୍ୟକିରଣରେ ପିଲାକୁ ଯେତେ ଅଧିକ ସମୟ ବୁଲାଇପାରିବେ, ତା' ସ୍ୱାସ୍ଥ୍ୟ ପାଇଁ ଭଲ। ଶରୀରରେ ଭିଟାମିନ୍ ଡି ଜନିତ କୌଣସି ଅସୁବିଧା ଦେଖାଯିବନି।
- ଶୀତରେ ନବଜାତ ଶିଶୁର ଯତ୍ନ ଠିକ୍ ଭାବେ ନ ନେଲେ ଆଖି ସଂକ୍ରମଣ ବଢ଼ିବାର ଭୟ ଥାଏ।

ଘରେ ଖୁସି ଭରିଦିଏ ହାତୀର ପେଣ୍ଟିଂ

ହିନ୍ଦୁ ଧର୍ମରେ ହାତୀକୁ ଖୁବ୍ ପବିତ୍ର ବୋଲି ବିବେଚନା କରାଯାଇଥାଏ । ହିନ୍ଦୁ ଶାସ୍ତ୍ର ଅନୁଯାୟୀ, ଧନର ଦେବୀ ଲକ୍ଷ୍ମୀଙ୍କ ୨ ପାର୍ଶ୍ୱରେ ହାତୀ ଦଣ୍ଡାୟମାନ ରହିଥିବାରୁ ଏହି ଜୀବକୁ ଖୁବ୍ ଶୁଭ ବୋଲି ବିବେଚନା କରାଯାଇଥାଏ । ଏହାସହ ହାତୀକୁ ଶକ୍ତି, ସୌଭାଗ୍ୟ ଓ ବୁଦ୍ଧିମତାର ପ୍ରତୀକ ବୋଲି ବି ବିବେଚନା କରାଯାଇଥାଏ।

ଘରର ମୁଖ୍ୟ ଗେଟ୍‌ର ଉଭୟ ପାର୍ଶ୍ୱରେ ୨ଟି ହାତୀ ରଖିବାକୁ ଶୁଭ ବିବେଚନା କରାଯାଇଥାଏ। ହାତୀର ଶୁଣ୍ଢ ଘର ଭିତରକୁ ମୁହଁ କରିଥିଲେ ଆପଣଙ୍କ ଜୀବନ ହସଖୁସିରେ ଭରିଯାଏ । ଏହାବାଦ ଯଦି ହାତୀ ଶୁଣ୍ଢ ବାହାରକୁ ହୋଇଥାଏ, ତାହା ଆପଣଙ୍କ ଘରକୁ ମନ୍ଦ ଏବଂ ନକାରାତ୍ମକ ଶକ୍ତିରୁ ରକ୍ଷା କରିବାରେ ସଫଳ ହୋଇଥାଏ।

ଉପରକୁ ଶୁଣ୍ଢ କରିଥିବା ହାତୀକୁ ଘରର ମୁଖ୍ୟ ଦ୍ୱାରରେ ରଖିବା ଦ୍ୱାରା ପରିବାରର ସୁଖ, ସମୃଦ୍ଧି, ସଫଳତା, ସୌଭାଗ୍ୟ ଆଦି ବୃଦ୍ଧି ପାଇଥାଏ । ତଳ ଆଡ଼କୁ ଶୁଣ୍ଢ କରିଥିବା ହାତୀକୁ ଗେଟ୍ ? ସମ୍ମୁଖରେ ରଖି ଦୀର୍ଘାୟୁର ପ୍ରତୀକ ବୋଲି ବିବେଚନା କରାଯାଇଥାଏ।

ବାସ୍ତୁଶାସ୍ତ୍ର ଅନୁଯାୟୀ, ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ପାଇଁ ହାତୀମାନଙ୍କର ଚିତ୍ରକୁ ଶୋଇବା ଘରେ ରଖିବା ଉଚିତ୍ । ଆପଣ ହାତୀ, ପେଣ୍ଟିଂ କିମ୍ବା କୁଶନ କଭରର ଯୋଡି ମୂର୍ତ୍ତି ମଧ୍ୟ ରଖିପାରିବେ ।

ଯଶ ଓ କିର୍ତ୍ତୀ ପାଇଁ ଲାଲ ହାତୀକୁ ବାସ୍ତୁ ଅନୁଯାୟୀ ଉତ୍ତର ଦିଗରେ ରଖିବା ଦ୍ୱାରା ସମାଜରେ ମାନ-ସମ୍ମାନ ଯଶ ଆଦି ବଢ଼ିଥାଏ। ବ୍ୟବସାୟରେ ଲାଭ ପାଇଁ ଚାନ୍ଦୀର ହାତୀ ଘରେ ରଖନ୍ତୁ।

ଅଧ୍ୟୟନ କକ୍ଷ କିମ୍ବା କାର୍ଯ୍ୟାଳୟରେ ହାତୀର ଚିତ୍ର ରଖିବା ମଧ୍ୟ ଶୁଭ ବୋଲି ବିବେଚନା କରାଯାଏ। ଯଦି ଆପଣ ପିଲାମାନଙ୍କ କୋଠରୀରେ ଏକ ପେଣ୍ଟିଂ ରଖିବାକୁ ଚାହୁଁଛନ୍ତି, ତେବେ ମହିଳା ହାତୀ ଏବଂ ତାଙ୍କ ପିଲାଙ୍କ ସହିତ ଏକ ଫଟୋ ରଖନ୍ତୁ ।

ଫେଙ୍ଗ୍ ଶୁଇ ଅନୁଯାୟୀ, ପିଲାଙ୍କ ଏକାଗ୍ରତା ବଢ଼ାଇବା ପାଇଁ ଆପଣ ସେମାନଙ୍କ ରୁମ୍ ?ରେ ଏହାର ପେଣ୍ଟିଂ ବା ଖେଳନା ରଖିପାରିବେ । ଯଦି ସମ୍ଭବ, ଆପଣ ଏହାକୁ ପିଲାଙ୍କ ଷ୍ଟଡି ଟେବୁଲ ଉପରେ ଖେଳନା ଭାବରେ ରଖିପାରିବେ ।



ଅଧିକ କ୍ରୋଧୀ ଭାରତୀୟ ମହିଳା

ମୁମ୍ବାଇ: ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ଆସିଛି । ଲୋକଙ୍କ ଚାପ, କ୍ରୋଧ ଓ ଚିନ୍ତାର ସ୍ତର ବଢ଼ିଛି । ଏବେ ଲୋକେ ପୂର୍ବାପେକ୍ଷା ଅଧିକ ଉଦାସ ଓ ଦୁଃଖୀ ରହୁଛନ୍ତି । ପୁରୁଷଙ୍କ ଅପେକ୍ଷା ମହିଳା ବେଶି ଏହାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ପରିବର୍ତ୍ତିତ ମାନସିକ ସ୍ଥିତି ଜାଣିବା ଓ ସେମାନଙ୍କ ଭାବନାକୁ ବୁଝିବା ପାଇଁ ଗ୍ୟାଲପ୍ ୱାର୍ଲଡ ପୋଲ୍ ୨୦୧୨ରୁ ୨୦୨୧ ମସିହା ପର୍ଯ୍ୟନ୍ତ ୧୫୦ ଦେଶର ୧୨ ଲକ୍ଷ ଲୋକଙ୍କ ଉପରେ ସର୍ଭେ କରିଥିଲା । ଏଥିରୁ ଜଣାପଡ଼ିଲା, ୧୦ ବର୍ଷ ତଳେ ମହିଳା-ପୁରୁଷଙ୍କ କ୍ରୋଧ ଓ ଚାପ ସ୍ତର ସମାନ ଥିଲା । କିନ୍ତୁ ଗତ ୧୦ ବର୍ଷରୁ ମହିଳାଙ୍କ ଚାପ ଅଧିକ ବଢ଼ିଛି । ସେମାନେ ଏବେ ଅଧିକ କ୍ରୋଧାନ୍ୱିତ ହେଉଛନ୍ତି । ତଥ୍ୟ ଅନୁସାରେ, ବିଶ୍ୱରେ ମହିଳାଙ୍କ କ୍ରୋଧ ସ୍ତର ପୁରୁଷଙ୍କଠାରୁ ୬ ପ୍ରତିଶତ ଅଧିକ । ଭାରତ ଓ ପାକିସ୍ତାନର ମହିଳାଙ୍କ ଚାପ ଓ କ୍ରୋଧର ସ୍ତର ବିଶ୍ୱଠାରୁ ଦୁଇଗୁଣ । ଅର୍ଥାତ ୧୨ ପ୍ରତିଶତ । ଭାରତରେ ପୁରୁଷଙ୍କ କ୍ରୋଧ ସ୍ତର ୨୭.୮ ପ୍ରତିଶତ। ମହିଳାଙ୍କଠାରେ ଏହି ସ୍ତର ୪୦.୬ ପ୍ରତିଶତ। କରୋନା ମହାମାରୀର ଦୁଇ ବର୍ଷ ମଧ୍ୟରେ ଏହି ସ୍ତର ଅଧିକ ବଢ଼ିଛି । ମନୋବୈଜ୍ଞାନିକ ଡା. ଲକ୍ଷ୍ମୀ ବିଜୟ କୁମାର ବିଶ୍ୱରେ ମହିଳାଙ୍କର ବଢୁଥିବା ଚାପ ଓ କ୍ରୋଧର କାରଣ ବିଷୟରେ କହିଛନ୍ତି, ବିଶ୍ୱର ତମାମ ଦେଶରେ ମହିଳା ପୂର୍ବାପେକ୍ଷା ଅଧିକ ଶିକ୍ଷିତ ହୋଇଛନ୍ତି ।

ଚାକିରି କରିବା ସହ ଆତ୍ମନିର୍ଭରତାକୁ ନେଇ ଆତ୍ମବିଶ୍ୱାସ ଆସିଛି। ବାହାରେ ସମାନତା ବିଷୟରେ ଚର୍ଚ୍ଚା ହେଉଥିବାବେଳେ ଘରେ କିନ୍ତୁ ପୁରୁଷକୈନ୍ଦ୍ରିକ ବ୍ୟବସ୍ଥା ଏବେ ବି ରହିଛି । ଏହି ଅସନ୍ତୁଳନ ମଧ୍ୟରେ ଘାଣ୍ଟି ହେଉଥିବା ମହିଳା ଏବେ ସ୍ୱର ଉଠାଇ ନିଜ କ୍ରୋଧ ଜାହିର କରୁଛନ୍ତି । ଗତ ଦଶନ୍ଧି ଭିତରେ ମହିଳା ନିଜର ଭାବନା ବ୍ୟକ୍ତ ପାଇଁ ଆଗକୁ ଆସୁଛନ୍ତି । କିନ୍ତୁ କାମ ଅପେକ୍ଷା ବେତନ କମ୍ ? ମିଳୁଛି ଓ ସେମାନଙ୍କଠାରୁ ଅଧିକ ଆଶା କରାଯାଉଛି । ଏଥିପାଇଁ ସେମାନଙ୍କର କ୍ରୋଧ ବଢୁଛି ।

ଶୀତରେ ହୃଦ୍‌ଘାତ ଭୟ

ଗଲା କିଛି ମାସ ଧରି ଯୁବ ଅଭିନେତାମାନେ ହୃଦ୍‌ଘାତରେ ପ୍ରାଣ ହରାଉଥିବା ଖବର ଗଣମାଧ୍ୟମରେ ରୀତିମତ ପ୍ରକାଶିତ ହେଉଛି। ହୃଦ୍‌ଘାତର ଭୟ ଏବେ ଯାଏଁ ଟଳିନାହିଁ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଶୀତଦିନେ ହୃଦ୍‌ଘାତର ଭୟ ସବୁଠୁ ଅଧିକ। ଡାକ୍ତରୀ ଦଳ କହିଛନ୍ତି ଏହି ଋତୁରେ ଆମେ କାମ କମ୍ କରୁ। ସେଥିପାଇଁ ରକ୍ତଚାପ ସ୍ତର ବଢ଼ିଯାଏ। ଥଣ୍ଡାର ପ୍ରକୋପ ରାତିବେଳା ଓ ଭୋରବେଳା ଅଧିକ ଥାଏ। ସେଇ ସମୟରେ ହିଁ ହୃଦ୍‌ଘାତରେ ଅଧିକାଂଶ ଲୋକ ପ୍ରାଣ ହରାନ୍ତି।

ବିଶେଷଜ୍ଞ ଦଳ ସମସ୍ତ ବର୍ଗର ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

ଥଣ୍ଡାରୁ ନିଜ ଶରୀରକୁ ରକ୍ଷା କରିବା ପାଇଁ ପଶମ ପୋଷାକରେ ସବୁବେଳେ ଘୋଡ଼ାଇ ହୋଇ ରୁହନ୍ତୁ। ପାଣି ଆବଶ୍ୟକ ପରିମାଣରେ ପିଇବା ଜରୁରୀ। ନିଜେ ଫୁର୍ତ୍ତି ରହିବା ପାଇଁ ଯେତିକି ଆବଶ୍ୟକ, ସେଇଭଳି କାମ କରନ୍ତୁ।

• ରୋଷଇ

ଚିକେନ ହଂକଂ

ଆବଶ୍ୟକ ସାମଗ୍ରୀ: ବୋନଲେସ୍ ଚିକେନ, ଚିକେନ ଷ୍ଟକ, ଲୁଣ, ଗୋଲମରିଚ ଗୁଣ୍ଡ, କର୍ଣ୍ଣଫ୍ଲୋର, ରିଫାଇନ , ସ୍ପ୍ରିଙ୍ଗ ଓନିଅନ, ଶୁଖିଲା ଲଙ୍କା, ରେଡ ଚିଲି ସସ୍ ?, ସୋୟା ସସ୍, ପିଆଜ, ଭିନେଗାର, ଅଣ୍ଡା ।

ପ୍ରସ୍ତୁତି ପ୍ରଣାଳୀ: ଏକ ପାତ୍ରରେ ବୋନଲେନସ ଚିକେନ ନେଇ ସେଥିରେ ଲୁଣ, ଗୋଲମରିଚ ଗୁଣ୍ଡ, କର୍ଣ୍ଣଫ୍ଲୋର, ଏକ ଅଣ୍ଡା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏହାପରେ ଏକ କରେଇରେ ତେଲ ଗରମ କରି ଏହାକୁ ଫ୍ରାଏ କରନ୍ତୁ। ସେଥିରେ ସ୍ପ୍ରିଙ୍ଗ ଓନିଅନ, ଶୁଖିଲା ଲଙ୍କା ପକାନ୍ତୁ । ଏହାପରେ ସେଥିରେ ଚିଲି ସସ୍, ସୋୟା ସସ୍, ପିଆଜ, ଫ୍ରାଏଡ ଚିକେନ, ଲୁଣ, ଗୋଲମରିଚ ଗୁଣ୍ଡ, ଭିନେଗାର ପକାଇ ଭଲ ଭାବେ ଗୋଳାନ୍ତୁ । କର୍ଣ୍ଣଫ୍ଲୋରରେ କିଛି ପାଣି ମିଶାଇ ଏହାକୁ ଚିକେନରେ ପକାନ୍ତୁ। ଏହାପରେ ସ୍ପ୍ରିଙ୍ଗ ଓନିଅନ ପକାଇ ଦିଅନ୍ତି। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ହଙ୍କକଙ୍ଗ । ଏହାକୁ ଭାତ କିମ୍ବା ରୁଟି ସହିତ ଖାଆନ୍ତୁ।

ସ୍ୱପ୍ନର ଘର ଖଣ୍ଡେ ପାଇଁ ସମସ୍ତେ ବହୁତ କଷ୍ଟ କରିଥାନ୍ତି। ହେଲେ ବେଳେବେଳେ ଏହି ଘରେ ରହି ଯାଇଥିବା ବାସ୍ତୁ ଦୋଷ ପାଇଁ ଆପଣଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଏଥିପାଇଁ ଆପଣଙ୍କୁ ପୁଣି ଥରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ହେଲେ ଜାଣିଛନ୍ତି କି ବିନା ଟଙ୍କା ଖର୍ଚ୍ଚରେ ବି ସାମାନ୍ୟ ବାସ୍ତୁ ଟିପ୍ସ ଫଲୋ କରି ଆପଣ ନିଜ ପରିବାରର ସୁଖଶାନ୍ତି ପୁଣି ଥରେ ଫେରି ପାଇବେ। ଏହାଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ବି ଦୂରେଇ ଯିବ ।

ବିନା ଖର୍ଚ୍ଚରେ ବି ଦୂର କରିହେବ ଘରର ବାସ୍ତୁ ଦୋଷ

- **କଳସ**

ଘରେ ଥିବା ବାସ୍ତୁ ଦୋଷ ଦୂର କରିବାକୁ ଘରର ଉତ୍ତର-ପୂର୍ବ କୋଣରେ ଏକ କଳସ ରଖନ୍ତୁ। କାରଣ କଳସ ଭଗବାନ ଗଣେଶଙ୍କ ରୂପ ବୋଲି ବିବେଚନା କରାଯାଏ। ଏଭଳି ପରିସ୍ଥିତିରେ ଭଗବାନ ଗଣେଶ ଆପଣଙ୍କ ଘରେ ରହିବେ ଏବଂ ପ୍ରତ୍ୟେକ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିବେ।

- **ସ୍ୱସ୍ତିକ ଚିହ୍ନ**

ଘରର ବାସ୍ତୁ ଦୋଷ ଦୂର କରିବାକୁ ଘରର ମୁଖ୍ୟ ଦ୍ୱାରରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ମନେରଖନ୍ତୁ ଯେ ଏହି ସ୍ୱସ୍ତିକ ଚିହ୍ନ ନଅ ଆଙ୍ଗୁଠି ଲମ୍ବା ଏବଂ ନଅ ଆଙ୍ଗୁଠି ଚଉଡା ହେବା ଉଚିତ୍ । ଏହାକୁ ତିଆରି କଲେ ଘରୁ ନକାରାତ୍ମକ ଶକ୍ତି ଶେଷ ହୁଏ ବୋଲି ବିଶ୍ୱାସ ରହିଛି।

- **ଘୋଡା ନାଲ**

ବାସ୍ତୁ ଶାସ୍ତ୍ରରେ ଘୋଡା ନାଲର ଖୁବ୍ ମହତ୍ତ୍ୱ ରହିଛି । ଏହାକୁ ଘରେ ଲଗାଇଲେ, ବହୁ ରିଷ୍ଟ ଖଣ୍ଡନ ହେବା ସହ ଶୁଭଫଳ ସହିତ ପ୍ରାପ୍ତ ହୁଏ । ଘରର ମୁଖ୍ୟ ଦ୍ୱାରରେ ଟ ଆକୃତିର ଏକ ସମ୍ପୂର୍ଣ୍ଣ ଘୋଡା ନାଲ ଲଗାଇବା ଉଚିତ ।

- **ପଞ୍ଚମୁଖି ହନୁମାନ ଚିତ୍ର**

ଯଦି ଆପଣଙ୍କ ଘରର ପ୍ରବେଶ ପଥ ଦକ୍ଷିଣ ଦିଗରେ ରହିଛି, ତେବେ ଘରର ପ୍ରବେଶ ପଥରେ ଏକ ପଞ୍ଚମୁଖି ହନୁମାନଙ୍କ ଚିତ୍ର ରଖନ୍ତୁ । ଏଥିରୁ ଲାଭ ମିଳିବ । ଏହା ବ୍ୟତୀତ ପଞ୍ଚଧାତୁରେ ନିର୍ମିତ ଏକ ପିରାମିଡ୍ ପ୍ରବେଶ ଦ୍ୱାରରେ ରଖିପାରିବେ । ଏହାଦ୍ୱାରା ବି ବହୁ ଶୁଭ ଫଳାଫଳ ମଧ୍ୟ ପ୍ରାପ୍ତ ହୁଏ ।

- **ଲାଇଟ ବଲବ**

ଯଦି ଆପଣଙ୍କର ରୋଷେଇ ଘର ଦକ୍ଷିଣ-ପୂର୍ବ କୋଣରେ ନାହିଁ ତେବେ ଏହା ବାସ୍ତୁ ଦୋଷର ମୁଖ୍ୟ କାରଣ ପାଲଟିଥାଏ। ଏପରି ପରିସ୍ଥିତିରେ, ବାସ୍ତୁ ଦୋଷ ଦୂର କରିବା ପାଇଁ, ଦକ୍ଷିଣ-ପୂର୍ବ କୋଣରେ ଏକ ଛୋଟ ବଲ୍‌ବ ଲଗାନ୍ତୁ ଏବଂ ଏହାକୁ ପ୍ରତିଦିନ ଜଳାନ୍ତୁ । ଏହାଦ୍ୱାରା ରୋଷେଇ ଘରେ ଥିବା ବାସ୍ତ ଦୋଷ ବହୁ ପରିମାଣରେ ହ୍ରାସ ପାଇଥାଏ।

- **କର୍ପୂର**

ଘରେ ଥିବା ସାଂଘାତିକ ବାସ୍ତୁ ଦୋଷ ଦୂର କରିବାରେ କର୍ପୂର ମଧ୍ୟ ଲାଭଦାୟକ ପ୍ରମାଣିତ ହୋଇଥାଏ । ଯେଉଁଠାରେ ଆପଣଙ୍କ ଘରେ ବାସ୍ତୁ ତ୍ରୁଟି ଅଛି ସେହି ସ୍ଥାନରେ କର୍ପୂର ରଖନ୍ତୁ । ଏହା ସମାପ୍ତ ହେବା ମାତ୍ରେ ପୁଣି ଥରେ ସମାନ ସ୍ଥାନରେ ଏହାକୁ ରଖନ୍ତୁ। ଏହାଦ୍ୱାରା ବହୁ ପରିମାଣରେ ବାସ୍ତୁ ଦୋଷରୁ ମୁକ୍ତି ପାଇପାରିବେ ।

ପ୍ରବାସୀ ଭୋଟରଙ୍କ ପାଇଁ ଖୁସି ଖବର

ଏବେ କେନ୍ଦ୍ରକୁ ନଯାଇ ଦେଇପାରିବେ ଭୋଟ୍

ନୂଆଦିଲ୍ଲୀ: ପ୍ରବାସୀ ଭୋଟର ତଥା ଦାଦନ ଶ୍ରମିକଙ୍କ ପାଇଁ ଖୁସି ଖବର। ଭୋଟ୍ ଦେବାକୁ ହେଲେ ସେମାନଙ୍କୁ ଆଉ ଭୋଟ୍ କେନ୍ଦ୍ରକୁ ଯିବାକୁ ପଡ଼ିବନି। ଯେଉଁଠି ଥିବେ ସେଇଠି ରହି ଭୋଟ୍ ଦେଇ ପାରିବେ। ଦେଶର ଯେଉଁ ସ୍ଥାନରେ ଥିଲେ ବି, ସେଠାରେ ରହି ନିଜ ନିର୍ବାଚନ ମଣ୍ଡଳୀର ନିଜ ମନ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ୍ ଦେଇପାରିବେ। ଏଥିପାଇଁ ପରୀକ୍ଷାମୂଳକ ଭାବେ ରିମୋଟ ଭୋଟିଂ ବ୍ୟବସ୍ଥା ଲାଗି ପ୍ରସ୍ତୁତ ହେଉଛନ୍ତି ଭାରତୀୟ ନିର୍ବାଚନ କମିଶନ। ଏହାକୁ ରିମୋଟ୍ ଇଲେକଟ୍ରୋନିକ୍ ଭୋଟିଂ ମେସିନ୍ ବା RVM କୁହାଯାଉଛି। ଏନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଏହି ନୂଆ ପ୍ରକାର ଭୋଟିଂ ମେସିନ ଜରିଆରେ ଏକା ସାଙ୍ଗରେ ଏକାଧିକ ନିର୍ବାଚନମଣ୍ଡଳୀର ଭୋଟିଂ ହୋଇପାରିବ। ଗୋଟିଏ ରିମୋଟ୍ ପୋଲିଂ ବୁଥ୍ ଜରିଆରେ ଏହା ସମ୍ଭବ ହୋଇପାରିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

ଏହା ଉପରେ ଆଲୋଚନା କରିବାକୁ ନିର୍ବାଚନ କମିଶନ ଆସନ୍ତା ଜାନୁଆରୀ ୧୬ ତାରିଖରେ ସବୁ ରାଜନୈତିକ ଦଳ ଗୁଡ଼ିକର ଏକ ବୈଠକ ଡାକିଛନ୍ତି। ନୂଆ ଆରଭିଏମ କେମିତି କାମ କରୁଛି, ତାହା ରାଜନୈତିକ ଦଳ ଗୁଡ଼ିକୁ ପ୍ରଦର୍ଶନ କରାଯିବ। ସେମାନଙ୍କର ମତାମତ ଗ୍ରହଣ କରାଯିବ। ଏହାପରେ ଏହି ନୂଆ ପ୍ରକାର ଆରଭିଏମକୁ ନିର୍ବାଚନରେ ବ୍ୟବହାର କରାଯିବ କି ନାହିଁ, ତାହା ନିଷ୍ପତ୍ତି ନିଆଯିବ ବୋଲି ବୋଲି ନିର୍ବାଚନ କମିଶନ କହିଛନ୍ତି। ୨୦୨୩ ଜାନୁଆରୀ ୧୬ ତାରିଖରେ ଆୟୋଗ ଆରଭିଏମର କାମ କରିବା ଶୈଳୀ ନେଇ ୮ଟି ରାଷ୍ଟ୍ରୀୟ ଦଳ ଏବଂ ୫୭ଟି ରାଜ୍ୟସ୍ତରୀୟ ଦଳଙ୍କୁ ଆମନ୍ତ୍ରଣ କରିଛନ୍ତି । ଏହି ସମୟରେ ଆୟୋଗଙ୍କର ଟେକନିକାଲ ଟିମ୍ ଏବଂ ବିଶେଷଜ୍ଞ ମଧ୍ୟ ସେଠାରେ ଉପସ୍ଥିତ ରହିବେ । ସମସ୍ତଙ୍କୁ ଏହା କେଉଁଭଳି ପରିଚାଳନା ସେହି ବାବଦରେ ଅବଗତ କରାଯିବ ।

ନିର୍ବାଚନ ଆୟୋଗ ଜାନୁଆରୀ ୩୧ ସୁଦ୍ଧା ଭୋଟିଂ ସିଷ୍ଟମକୁ ନେଇ ଦଳର ରାୟ ମାଗିଛନ୍ତି । ଯଦି ଏହି ଆରଭିଏମ ସିଷ୍ଟମକୁ ମଞ୍ଜୁରୀ ମିଳେ ତେବେ ପ୍ରବାସୀ ଲୋକମାନେ ଘରଠାରୁ ଦୂରରେ ରହି ମଧ୍ୟ ବିଭିନ୍ନ ସହର ତଥା ରାଜ୍ୟରେ ନିଜର ଭୋଟ ଦେଇପାରିବେ। ସେମାନଙ୍କୁ ଘରକୁ ଆସି ଭୋଟ ଦେବାକୁ ପଡିବ ନାହିଁ । ବାହାରେ ରହି ମଧ୍ୟ ସେମାନେ ନିଜର ନେତାଙ୍କୁ ନିର୍ବାଚିତ କରାଇପାରିବେ । ୨୦୧୯ ସାଧାରଣ ନିର୍ବାଚନ ବେଳେ କମ୍ ଭୋଟିଂ ପ୍ରତିଶତକୁ ନେଇ ଚିନ୍ତାପ୍ରଅକଟ କରଥାଲେ କମିଶନ। ନିର୍ବାଚନ କମିଶନରଙ୍କ ଅନୁଯାୟୀ, ସୂଚନା ଅନୁସାରେ ୨୦୧୯ ନିର୍ବାଚନରେ ଦେଶରେ ମାତ୍ର ୬୭.୪ ପ୍ରତିଶତ ଲୋକ ଭୋଟ ଦେଇଥିଲେ । ପାଖାପାଖି ୩୦ କୋଟି ଲୋକ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିପାରିନଥିଲେ । ଏହି ସମସ୍ୟାକୁ ଦୂର କରିବା ପାଉଁ ଆରଭିଏମକୁ ପ୍ରସ୍ତୁତ କରାଯାଇଛି ।

ଜୀବନ ନେଉଛି ବରଫ ଝଡ଼, ୫୦ ମୃତ

ୱାଶିଂଟନ: ଜାରି ରହିଛି ବମ ସାଇକ୍ଲୋନର ତାଣ୍ଡବ। ପ୍ରବଳ ବରଫ ଝଡ଼ ଯୋଗୁଁ ଆମେରିକାବାସୀ ବେହାଲ ହୋଇପଡିଛନ୍ତି। ଏଥିଯୋଗୁ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ପ୍ରବଳ ବରଫପାତ ଯୋଗୁ ଅନେକ ସହର ଠପ୍ ହୋଇଯାଇଛି। ନ୍ୟୁୟର୍କ ସହରରେ ୪୩ ଇଞ୍ଚ ବରଫର ମୋଟା ଆସ୍ତରଣ ଜମିଛି। ବିଶେଷ କରି ବୁଫାଲୋ ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି।

ଦକ୍ଷିଣପୂର୍ବ, କେନ୍ଦ୍ରୀୟ ପୂର୍ବ ଏବଂ ପୂର୍ବ ଉପକୂଳରେ କିଛି ପ୍ରମୁଖ ସହରରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ବରଫ ଝଡ଼ ଯୋଗୁଁ ୧୩ଟି ରାଜ୍ୟରେ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି। ୨ ଲକ୍ଷରୁ ଅଧିକ ଲୋକ ଅନ୍ଧାରରେ ଅଛନ୍ତି। ଲୋକମାନଙ୍କୁ ଶକ୍ତି ସଂରକ୍ଷିତ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବୁଫାଲୋ ଅଞ୍ଚଳରେ କାର୍‌ଗୁଡିକ ବରଫ ଭିତରେ ପୋତି ହୋଇଯାଇଛି। ଫଳରେ କାର୍ ଭିତରେ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ପ୍ରଶାସନ ତରଫରୁ ବରଫ ତଳେ ପୋତି ହୋଇ ରହିଥିବା ଜୀବିତ ଓ ମୃତ ବ୍ୟକ୍ତିଙ୍କ ସନ୍ଧାନ ଜାରି ରହିଛି। ରାସ୍ତାକଡରେ ବରଫର ପାହାଡ ସୃଷ୍ଟି ହୋଇଛି। ଘରୁ ବାହାରିବା ବି ମୁସକିଲ ହୋଇପଡିଛି। ଭୟଙ୍କର ତୁଷାରପାତ, ଥଣ୍ଡା ପବନ ଓ ମାଇନସ୍ ତାପମାତ୍ରା ଯୋଗୁଁ ସୋମବାର ୩,୮୦୦ରୁ ଅଧିକ ବିମାନ ଉଡାଣ ବାତିଲ କରାଯାଇଛି।

ଆମେରିକା ପରି ଜାପାନରେ ମଧ୍ୟ ପ୍ରବଳ ତୁଷାରପାତ ଯୋଗୁ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ୯୦ରୁ ଅଧିକ ଆହତ ହୋଇଛନ୍ତି। ଗତ ସପ୍ତାହରୁ ଜାପାନର ଉତ୍ତରାଞ୍ଚଳରେ ପ୍ରବଳ ବରଫପାତ ହେଉଛି। ଜାପାନର ଶତାଧିକ ଲୋକ ଅନ୍ଧାରରେ ରହିଛନ୍ତି।

ମାର୍ଚ୍ଚ ମାସଠାରୁ ୫୩ଜଣ ଜିହାଦୀ ଗିରଫ ହେଲେଣି

ଗୋହାଟି: ମାର୍ଚ୍ଚ ମାସଠାରୁ ପ୍ରାୟ ୫୩ଜଣ ଜିହାଦୀଙ୍କୁ ଗିରଫ କରାଯାଇଛି। ବିଧାନସଭାରେ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏହା କହିଛନ୍ତି। ଜଣେ ବାଂଲାଦେଶୀ ସମେତ ଗତ ମାର୍ଚ୍ଚ ମାସଠାରୁ ପ୍ରାୟ ୫୩ଜଣ 'ଜିହାଦୀ'ଙ୍କୁ ଗିରଫ କରାଯାଇଛି। ସେ କହିଛନ୍ତି ଯେ, ରାଜ୍ୟରେ ଜିହାଦୀ କାର୍ଯ୍ୟକଳାପରେ ବିଦେଶୀ ନାଗରିକମାନେ ସମ୍ପୃକ୍ତ ଅଛନ୍ତି ଏବଂ ଆଉ ୫ଜଣ ବାଂଲାଦେଶୀ ଜିହାଦୀ ଫେରାର ହୋଇଯାଇଛନ୍ତି। ବିଜେପି ବିଧାୟକ ତେରୋସ୍ ଗୋୱାଲାଙ୍କ ପ୍ରଶ୍ନର ଉତ୍ତର ଦେଇ ଶର୍ମା କହିଛନ୍ତି, ମାର୍ଚ୍ଚ ମାସଠାରୁ ବାରପେଟା, ବୋଙ୍ଗାଇଗାଓଁ, ମୋରିଗାଓଁ, ଧୁବ୍ରି, ଗୋଲପଡ଼ା, ତମୁଲପୁର ଏବଂ ନାଲବାଡ଼ି ଜିଲ୍ଲାରେ ୯ଟି ମାମଲା ପଞ୍ଜିକରଣ କରାଯାଇଛି। ଆସାମର ଉପରୋକ୍ତ ୭ଟି ଜିଲ୍ଲା ଜିହାଦୀ କାର୍ଯ୍ୟକଳାପର ଉତ୍ସ ବୋଲି ଅଭିଯୋଗ ହେଉଛି। ହାରୁନ୍ ରଶିଦ୍ ଓରଫ ସୁମନ ନାମରେ ଜଣେ ବାଂଲାଦେଶୀ ନାଗରିକଙ୍କୁ ବାରପେଟା ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ଗିରଫ କରାଯାଇଛି। ସେ ବାରପେଟାସ୍ଥିତ ଏକ ମସ୍‌ଜିଦ୍‌ରେ ଇମାମ୍ ଭାବେ ନିଯୁକ୍ତ ହୋଇଥିଲେ ଏବଂ ସେଠାରେ ଥିବା ଇସ୍‌ଲାମିକ୍ ଏକାଡେମିରେ ଜଣେ ଆରବୀ ଭାଷା ଶିକ୍ଷକ ଭାବେ କାମ କରୁଥିଲେ। ସେ ଜିହାଦୀ ସଂକ୍ରାନ୍ତୀୟ ପୁସ୍ତିକା ବିତରଣ କରିବା ସଙ୍ଗେ ସଙ୍ଗେ ସଂଖ୍ୟାଲଘୁମାନଙ୍କୁ ଜିହାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ହେବା ଲାଗି ଭାଷଣ ମାଧ୍ୟମରେ ପ୍ରେରଣା ଦେଉଥିଲେ।

ସେ ଆହୁରି କହିଛନ୍ତି, ଅଭିଯୋଗ ହୋଇଥିବା ଜିହାଦୀ ମାମଲାରେ ସମ୍ପୃକ୍ତ ଥାଇ ଫେରାର ହୋଇଯାଇଥିବା ଅନ୍ୟ ୫ଜଣ ବାଂଲାଦେଶୀ ବିଭିନ୍ନ ମସ୍‌ଜିଦ୍‌ରେ ଭାଷଣ ଜରିଆରେ ସଂଖ୍ୟାଲଘୁ ଯୁବକମାନଙ୍କୁ ପ୍ରଭାବିତ କରୁଥିଲେ। ଏହାଛଡ଼ା, ଜିହାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗରେ ମୋରିଗାଓଁ ଓ ଧୁବ୍ରିରେ ଦୁଇଜଣ ମହିଳାଙ୍କୁ ମଧ୍ୟ ଗିରଫ କରାଯାଇଥିବା କଥା ସେ କହିଛନ୍ତି।

ଦୂଷିତ କାଶ ସିରପ୍ ଖାଇ ୧୮ ଶିଶୁ ମୃତ୍ୟୁ ଘଟଣା

ରିପୋର୍ଟ ମାଗିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ନୂଆଦିଲ୍ଲୀ: ଭାରତୀୟ କାଶ ସିରପ ଯୋଗୁ ଉଜ୍‌ବେକିସ୍ତାନରେ ପିଲାମାନଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିଆ ପ୍ରତିକ୍ରିୟା ରଖିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିଆ ଶୁକ୍ରବାର ଟ୍ୱିଟ୍ କରି କହିଛନ୍ତି, କାଶ ଔଷଧ ଡକ୍-୧ ମ୍ୟାକ୍ସରେ ଭୁଲ ରିପୋର୍ଟକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଟିମ୍ ଡିସେମ୍ବର ୨୯ ରାତିରୁ ମାରିଅନ ବାୟୋଟେକର ସମସ୍ତ ଔଷଧ ଉତ୍ପାଦନକୁ ବନ୍ଦ କରିଦେଇଛି। ବର୍ତ୍ତମାନ ଏହି ମାମଲାରେ ଅଧିକ ଯାଞ୍ଚ ଜାରି ରହିଛି। କାଶ ଔଷଧ ଯୋଗୁ ଉଜ୍‌ବେକିସ୍ତାନରେ ୧୮ଜଣ ଶିଶୁଙ୍କ ମୃତ୍ୟୁ ପରେ ନୋଏଡାର କମ୍ପାନୀ ମାରିଅନ ବାୟୋଟେକ ଏବେ ବିବାଦ ଘେରରେ ରହିଛି। ଉଜ୍‌ବେକିସ୍ତାନର ଏହି ଦାବି ପରେ ଭାରତ ସରକାର ସତର୍କ ହୋଇଯାଇଛନ୍ତି। କେନ୍ଦ୍ର ସରକାର ଉଜ୍‌ବେକିସ୍ତାନରେ ମୃତ ଶିଶୁଙ୍କ ସମ୍ପର୍କରେ ଏକ ରିପୋର୍ଟ ମାଗିଛନ୍ତି।

ଦୂଷିତ କାଶ ସିରପ୍ ଖାଇ ଉଜ୍‌ବେକିସ୍ତାନରେ ୧୮ଜଣ ପିଲାଙ୍କ ମୃତ୍ୟୁ ଘଟିବା ପରେ ନଏଡ଼ାସ୍ଥିତ ଉକ୍ତ ସିରପ୍‌ର ନିର୍ମାତା 'ମାରିଅନ୍ ବାୟୋଟେକ୍'ର ସମସ୍ତ ଔଷଧ ଉତ୍ପାଦନ ସମ୍ପୂର୍ଣ୍ଣ ସ୍ଥଗିତ ରଖିବାକୁ ନିର୍ଦେଶ ଦିଆଯାଇଛି। ଉତ୍ତର ପ୍ରଦେଶ ଡ୍ରଗ୍ କଣ୍ଟ୍ରୋଲ୍ ଏବଂ ସେଣ୍ଟ୍ରାଲ୍ ଡ୍ରଗ୍ସ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍' (ସିଡିଏସ୍‌ସିଓ) ଉପରୋକ୍ତ କମ୍ପାନିରେ ତଦନ୍ତ ଚଳାଇଛନ୍ତି। 'ମାରିଅନ୍'ର ଔଷଧ କାରଖାନାରେ 'ଗୁଡ୍ ମ୍ୟାନୁଫ୍ୟାକ୍‌ଚରିଙ୍ଗ୍ ପ୍ରାକ୍ଟିସ୍'ର (ଜିଏମ୍‌ପି) ସ୍କିଡ୍ୟୁଲ୍ 'ଏମ୍'ରେ ତ୍ରୁଟିବିଚ୍ୟୁତି ଥିବା ଜଣାପଡ଼ିଛି। ଉଜ୍‌ବେକିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଥିଲା, ମରିଥିବା ପିଲାମାନେ ନଇଡ଼ାସ୍ଥିତ 'ମାରିଅନ୍ ବାୟୋଟେକ୍'ଦ୍ୱାରା ଉତ୍ପାଦିତ 'ଡକ୍-୧ ମ୍ୟାକ୍ସ୍ ସିରପ୍' ଖାଇଥିଲେ। ଉକ୍ତ ଶ୍ୱାସପ୍ରଶ୍ୱାସଜନିତ ରୋଗରେ ପୀଡ଼ିତ ଥିବା ୨୧ଜଣ ପିଲାଙ୍କ ମଧ୍ୟରୁ 'ଡକ୍-୧ ମ୍ୟାକ୍ସ ସିରପ୍ ଖାଇ ଆଜିସୁଦ୍ଧା ୧୮ଜଣଙ୍କର ମୃତ୍ୟୁ ଘଟିଛି। ଉଜ୍‌ବେକିସ୍ତାନର ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିବା ଅନୁସାରେ, ଉକ୍ତ ସିରପ୍ ବ୍ୟାଚ୍‌ରେ ବିଷାକ୍ତ ପଦାର୍ଥ 'ଏଥିଲିନ୍ ଗ୍ଲାଇକୋଲ୍' ଥିବା କଥା ଲାବ୍ରଟରି ପରୀକ୍ଷାରୁ ଜଣାପଡ଼ିଥିଲା।

ଭାରତୀୟ ସେନାରେ ଟ୍ରେନିଂ ପାଇଁ ସାମିଲ ହେଲେ ଅଗ୍ନିବୀର

ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀରରୁ ଚୟନ ହୋଇଥିବା ପ୍ରଥମ ବ୍ୟାଚ୍‌ର ଅଗ୍ନିବୀରମାନେ ତାଲିମ ପାଇଁ ଭାରତୀୟ ସେନାରେ ସାମିଲ ହୋଇଛନ୍ତି। ପ୍ରାୟ ୨୦୦ ଜଣ ଆଶାୟୀଙ୍କୁ ଶାରୀରିକ, ମେଡିକାଲ, ରିଟିନ ଟେଷ୍ଟ ଓ ପ୍ରମାଣପତ୍ର ଯାଞ୍ଚ ପରେ ତାଲିମ ପାଇଁ ଚୟନ କରାଯାଇଛି।

ଶ୍ରୀନଗରରେ ଥିବା ଆର୍ମି ରିକ୍ୟୁଟିଙ୍ଗ ଅଫିସରୁ ଏମାନେ ଡିସେମ୍ବର ୨୪ ତାରିଖରୁ ବିଭିନ୍ନ ରେଜିମେଣ୍ଟ ଅଧୀନରେ ଥିବା ୩୦ଟି କେନ୍ଦ୍ର ଅଭିମୁଖେ ଯାଇଛନ୍ତି। ଡିସେମ୍ବର ୩୦ ତାରିଖ ମଧ୍ୟରେ ସମସ୍ତ ଆଶାୟୀଙ୍କୁ ତାଲିମ ପାଇଁ ରିପୋର୍ଟିଂ ପାଇଁ କୁହାଯାଇଛି। ସମସ୍ତଙ୍କ ତାଲିମ କାର୍ଯ୍ୟକ୍ରମ ୨୦୨୩ ଜାନୁଆରୀ ୧ରୁ ଆରମ୍ଭ ହେବ।

କେନ୍ଦ୍ର ସରକାର ଜାରି କରିଥିବା ମିଡିଆ ରିଲିଜରେ କହିଛନ୍ତି, "କଶ୍ମୀରର ଡିଭିଜନାଲ କମିଶନରଙ୍କ ନେତୃତ୍ୱରେ କାର୍ଯ୍ୟ କରୁଥିବା ଟିମ ପାଇଁ ଯୋଗ୍ୟ ଚାକିରି ଆଶାୟୀଙ୍କୁ ଚୟନ କରାଯାଇଛି ଓ ସେମାନଙ୍କୁ ତାଲିମ ପାଇଁ ପଠା ଯାଇପାରିଛି। ଚିନାର କ୍ରସ୍ ମଧ୍ୟ ଏଥିରେ ସହାୟତା କରିଛି।" ଜୁନ ୧୪ରେ କେନ୍ଦ୍ର ସରକାର ଭାରତୀୟ ସେନାରେ କାମ କରିବାକୁ ଚାହୁଁଥିବା ଯୁବଗୋଷ୍ଠୀଙ୍କ ପାଇଁ ଅଗ୍ନିପଥ ଯୋଜନା ଲାଗୁ କରିଥିଲେ। ନିୟମ ଅନୁସାରେ, ୧୭ରୁ ସାଢ଼େ ୨୧ ବର୍ଷ ବୟସ ମଧ୍ୟରେ ଥିବା ଯୁବକମାନେ ଚାକିରି ପାଇଁ ଆବେଦନ କରିପାରିବେ।

ପ୍ରଥମେ ଯୋଗ୍ୟ ଯୁବକମାନେ ୪ ବର୍ଷ କାମ କରିବେ। ଏହାପରେ ସେମାନଙ୍କ ମଧ୍ୟରୁ ୭୫% ଯୁବକଙ୍କୁ ଚାକିରିରୁ ବାହାର କରି କେବଳ ୨୫% ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ। ଏହି ୪ ବର୍ଷିଆ ଚାକିରି ବ୍ୟବସ୍ଥାକୁ ସମଗ୍ର ଦେଶରେ ବିରୋଧ କରାଯାଇଥିଲା। ଶେଷରେ ସରକାର ଆବେଦନ କରିବା ପାଇଁ ବୟସସୀମାକୁ ୨୩କୁ ବୃଦ୍ଧି କରିଛନ୍ତି।

କେନ୍ଦ୍ର ସରକାରଙ୍କୁ ୨ କୋଟି ମାଗଣା ଟିକା ଦେବ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍

ନୂଆଦିଲ୍ଲୀ: ପୁଣି ଥରେ ଏକ ଭୟଙ୍କର ରୂପରେ କରୋନା ମହାମାରୀ ମୁଣ୍ଡ ଟେକିଥିବା ବେଳେ ସିରମ୍ ଇନଷ୍ଟିଚ୍ୟୁଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାରଙ୍କୁ ୨ କୋଟି କୋଭିଶିଲ୍ଡ କରୋନା ଟିକା ଡୋଜ୍ ମାଗଣାରେ ଯୋଗାଇ ଦେବା ନେଇ ବୁଧବାର କହିଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସରକାରୀ ଯୋଗାଣ ବିଭାଗ ନିର୍ଦ୍ଦେଶକ ପ୍ରକାଶ କୁମାର ସିଂ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଏ ସମ୍ପର୍କିତ ଏକ ଚିଠି ଲେଖିଛନ୍ତି। ସୂଚନାନୁଯାୟୀ ସିରମ୍ ଇନଷ୍ଟିଚ୍ୟୁଟର ସରକାରୀ ଏବଂ ନିୟାମକ ବ୍ୟାପାର ନିର୍ଦ୍ଦେଶକ ପ୍ରକାଶ କୁମାର ସିଂହ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଏକ ଚିଠି ଲେଖି ୪୧୦ କୋଟି ଟଙ୍କାର ଡୋଜ୍ ଦେବାପାଇଁ ଅଫର୍ ଦେଇଛନ୍ତି। ଜାତୀୟ ଟିକାକରଣ କାର୍ଯ୍ୟକ୍ରମ ପାଇଁ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏଯାବତ କେନ୍ଦ୍ର ସରକାରଙ୍କୁ ୧୭୦ କୋଟିରୁ ଅଧିକ କୋଭିସିଲ୍ଡ ଡୋଜ୍ ଦିଆଯାଇଛି। ଅନ୍ୟପଟହେ ଆଗାମୀ ୪୦ ଦିନ ଦେଶ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । ଜାନୁଆରୀ ମାସରେ ଦେଶରେ କରୋନା ସଂକ୍ରମଣ ବେଶ ଅଧିକ ବୃଦ୍ଧି ହେବାର ଆଶଙ୍କା ରହିଛି । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ତଥ୍ୟ ମିଳିଥିବା ସୂଚନା ମିଳିଛି । ସେପଟେ ଦେଶରେ ଏବେ ଚିନ୍ତା ବଢାଇଛନ୍ତି ବିଦେଶ ଫେରନ୍ତା ।

ସୂଚନା ଅନୁସାରେ ଗତ ୨ଦିନ ମଧ୍ୟରେ ୬ହଜାର ବିଦେଶ ଫେରନ୍ତାଙ୍କ କୋଭିଡ ନମୁନା ପରୀକ୍ଷା ହୋଇଥିଲା । ଏମାନଙ୍କ ମଧ୍ୟରେ ପ୍ରାୟ ୩୯ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଶ୍ରୀଲଙ୍କାରୁ ଚେନ୍ନାଇ ଫେରିଥିବା ମା ଓ ଝିଅ ମଧ୍ୟ କରୋନାରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ମୁମ୍ବାଇ ବିମାନବନ୍ଦରରେ ୨ଜଣ ବିଦେଶ ଫେରନ୍ତା ପଜିଟିଭ ଥିବା ଜଣାପଡିଛି । ସେପଟେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ଚିଠି ଲେଖି ସଜାଗ ରହିବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ କହିଛି । କରୋନା ସ୍ଥିତିର ମୁକାବିଲା ପାଇଁ ସାରା ଦେଶରେ ମକଡ୍ରିଲ ମଧ୍ୟ କରାଯାଇଛି ।

୪ଟି ଭାରିଏଣ୍ଟ ପାଇଁ ଚାଇନାରେ ସୃଷ୍ଟି ହୋଇଛି ସାଂଘାତିକ ସ୍ଥିତି

ନୂଆଦିଲ୍ଲୀ: ଚାଇନାରେ ଦେଖାଦେଇଛି ମହାମାରୀ କରୋନାର ସାଂଘାତିକ ସ୍ଥିତି। ଦୈନିକ କରୋନା ସଂକ୍ରମଣ ରେକର୍ଡ ଭାଙ୍ଗୁଥିବା ବେଳେ ଲକ୍ଷାଧିକ ଲୋକ ପ୍ରାଣ ହରାଉଛନ୍ତି। ଚାଇନାର ଏପରି ଭୟଙ୍କର ସ୍ଥିତିକୁ ଦେଖି ଭାରତରେ ମଧ୍ୟ କରୋନା ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ଚାଇନାରେ ସଂକ୍ରମଣ ବୃଦ୍ଧିର କାରଣ ସାଜିଥିବା ଓମିକ୍ରନ ପ୍ରଜାତିର ବିଏଫ ୭ ଭାରିଏଣ୍ଟ ଭାରତରୁ ଠାବ ହେବା ପରେ ସମସ୍ତଙ୍କ ଛାତିରେ ଛନକା ପଶିଛି।

ତେବେ ଚାଇନା ସ୍ଥିତିକୁ ଦେଖି ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି କେନ୍ଦ୍ର ସରକାରଙ୍କ କୋଭିଡ ମୁକାବିଲା ପ୍ୟାନେଲର ମୁଖ୍ୟ ଡାକ୍ତର ଏନକେ ଅରୋରା କହିଛନ୍ତି। ଚାଇନରୁ ମୁକ୍ତ ଭାବେ କରୋନା ସମ୍ପର୍କିତ ତଥ୍ୟ ବାହାରକୁ ଆସୁନାହିଁ। ତେଣୁ ସତର୍କତା ପଦକ୍ଷେପ ସ୍ୱରୂପ ଭାରତ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ଏଥିସହ ଚାଇନାରେ ଭାଇରସର ଗୋଟିଏ କକଟେଲ ଯୋଗୁ ସଂକ୍ରମଣ ବୃଦ୍ଧି ପାଉଛି। ଏହାବାଦ ଚାଇନାରେ ବର୍ଦ୍ଧିତ ସଂକ୍ରମଣ ପାଇଁ କେବଳ ଗୋଟିଏ ଭାରିଏଣ୍ଟ ନୁହେଁ, ବରଂ ୪ଟି ଭାରିଏଣ୍ଟ ଦାୟୀ ବୋଲି ଡାକ୍ତର ଅରୋରା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଚାଇନାରେ ଚିହ୍ନଟ ହେଉଥିବା ସଂକ୍ରମିତଙ୍କ ମଧ୍ୟରୁ କେବଳ ୧୫% ଲୋକ ବିଏଫ ୭ ଦ୍ୱାରା ଆକ୍ରାନ୍ତ। ଅଧିକାଂଶ ଅର୍ଥାତ ୫୦%ରୁ ଅଧିକ ଲୋକ ବିଏନ ଓ ବିକ୍ୟୁ ସିରିଜ୍ ? ଭାରିଏଣ୍ଟ ଦ୍ୱାରା ସଂକ୍ରମିତ ହେଉଛନ୍ତି। ସେହିପରି ବାକି ୧୦ରୁ ୧୫% ଲୋକଙ୍କ ଶରୀରରୁ ଏସଭିଭି ଭାରିଏଣ୍ଟ ଠାବ ହୋଇଛି।

ଭାରତର ସ୍ଥିତି ସଂପୂର୍ଣ୍ଣ ଭିନ୍ନ। ଟିକା ନେବା ଦ୍ୱାରା ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି। ସେହିପରି କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ବେଳେ ଭାରତରେ ଅନେକ ଲୋକ ସଂକ୍ରମିତ ହୋଇଥିଲେ। ଏହାଦ୍ୱାରା ହାଇବ୍ରିଡ୍ ଇମ୍ୟୁନିଟି ସୃଷ୍ଟି ହୋଇଛି। ଟିକା ଓ ହାଇବ୍ରିଡ ଇମ୍ୟୁନିଟି ଯୋଗୁ ଭାରତ ଫାଇଦାରେ ରହିଛି ବୋଲି ସେ କହିଛନ୍ତି।

ଡାକ୍ତର ଅରୋରା ଆହୁରି କହିଛନ୍ତି, "ଚାଇନାରେ ସେମାନେ ଏହାର ଅନୁଭବ ହାସଲ କରି ନାହାନ୍ତି। ସେଠାରେ ରହୁଥିବା ଲୋକମାନେ ପୂର୍ବରୁ ଭାଇରସ ଦ୍ୱାରା ସଂକ୍ରମିତ ହୋଇ ନଥିଲେ। ସେହିପରି ସେମାନେ ନେଇଥିବା ଟିକା ସମ୍ଭବତଃ କରୋନା ବିରୋଧରେ କମ ପ୍ରଭାବ ଦେଖାଇବାକୁ ସକ୍ଷମ ହୋଇଛି। ସେଠାରେ ରହୁଥିବା ଅଧିକାଂଶ ଲୋକ ୩ରୁ ୪ଟି ଡୋଜ୍ ନେଇଥିଲେ। ଏହାର ତୁଳନା ଭାରତ ସହ କଲେ ଆମେ ଦେଖିବା ଯେ ୯୭% ଲୋକ କରୋନା ଟିକାର ଦୁଇଟି ଡୋଜ୍ ନେଇଛନ୍ତି। ସେହିପରି ଅଧିକାଂଶ ଲୋକ ଗୋଟିଏରୁ ଅଧିକ ଥର କରୋନାରେ ଆକ୍ରାନ୍ତ ହୋଇଛନ୍ତି।

ଏପରି କି ଦେଶର ଛୋଟ ପିଲା ମଧ୍ୟ ସୁରକ୍ଷିତ। କାରଣ ୧୨ ବର୍ଷରୁ କମ ବୟସ୍କ ୯୬% ପିଲା କରୋନା ଦ୍ୱାରା ସଂକ୍ରମିତ ହୋଇଥିଲେ। ଟିକାକରଣ ଚାଲିଥିବା ବେଳେ ମଧ୍ୟ ସମାନ୍ତରଳ ଭାବେ ଲୋକମାନେ କରୋନାରେ ଆକ୍ରାନ୍ତ ହେଉଥିଲେ। ଏହି କାରଣ ପାଇଁ ଆମେ କରୋନା କବଳରୁ ଅତ୍ୟନ୍ତ ସୁରକ୍ଷିତ ଭାବେ ରହିଛେ।"

ସଂପାଦକୀୟ

ଜହର ମୁହାଁ ଯୁବପିଢ଼ୀ

ଆମରାଜ୍ୟରେ ଯୁବଗୋଷ୍ଠୀ ଏବେ ଦିଗହୀନ ହୋଇ ଗତି କରୁଛନ୍ତି। ଅବଶ୍ୟ ଏଭଳି ସ୍ଥିତି ଅନେକ ରାଜ୍ୟରେ କିନ୍ତୁ ଆମକୁ ଆମ କଥା ଚିନ୍ତା କରିବାକୁ ପଡ଼ିବ। ଏବେ ସବୁ ଗଣମାଧ୍ୟମରେ ନିଶାଦ୍ରବ୍ୟ ସମ୍ବନ୍ଧୀୟ ଖବରର ଶିରୋନାମା ପାଲଟୁଛି। କେଉଁଠି ନିଶା ଧରପଗଡ଼ ତ କେଉଁଠି ନିଶା ପାଇଁ ଗଣ୍ଡଗୋଳ ଇତ୍ୟାଦି। ପ୍ରକୃତରେ ଯୁବପିଢ଼ୀ କରିବେ କ'ଣ ? ପାଠ ପଢ଼ିବା ପରେ ତା'ହାତକୁ କାମ ଦେବାର ଯୋଜନା ଅତି ନଗନ୍ୟ ! ପାଠ ପଢ଼ିବା ସମୟରେ ବହିକୁ ଛାଡ଼ି ଅନ୍ୟ କୌଣସି କ୍ରିୟାଶୀଳ କାର୍ଯ୍ୟକ୍ରମ ମଧ୍ୟ ତାଙ୍କ ପାଖରେ ନାହିଁ। ତେଣୁ ଯୁବପିଢ଼ୀର ପିଲାମାନେ ପଢ଼ିବା ସମୟରେ ତାଙ୍କ ବଳକା ସମୟକୁ ସୁବିନିଯୋଗର ବାଟ ନପାଇ ଭିନ୍ନରାସ୍ତାର ଆଶ୍ରୟ ନେବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ଯଦି ପାଠ୍ୟକ୍ରମ ସହିତ ଖେଳକୁଦ, ଅତ୍ୟାବଶ୍ୟକ ଜ୍ଞାନ କୌଶଳର ଶିକ୍ଷା, ମନୋରଞ୍ଜନଧର୍ମୀ ବିଦ୍ୟା ତଥା ଅନ୍ୟାନ୍ୟ ଆବଶ୍ୟକୀୟ ଶିକ୍ଷଣୀୟ ବିଷୟସବୁ ଥାନ୍ତା ତେବେ ତା'ପାଖରେ ନିଜର ବଳକା ସମୟକୁ ସୁବିନିଯୋଗର ରାସ୍ତା ମିଳନ୍ତା। ଏପର୍ଯ୍ୟନ୍ତ ସେଭଳି ପାଠ୍ୟକ୍ରମ ପ୍ରସ୍ତୁତି ହୋଇପାରି ନାହିଁ, ଯାହା ଯୁବବର୍ଗଙ୍କୁ କିଶୋର ଅବସ୍ଥାରୁ ବିପଥଗାମୀ କରିବାରେ ସହାୟକ ହେବ। ଆମ ରାଜ୍ୟରେ ସରକାରୀ ମଦ ବ୍ୟବସାୟର ବହୁଳ ପ୍ରଚାର ଓ ପ୍ରୋତ୍ସାହନ ଯୋଗୁଁ ଗାଁ ଗହଳିରେ ନିଶା କାରବାର ସରକାରୀ ଭାବେ ଉପଲବ୍ଧ ହେବାର ପରିଲକ୍ଷିତ ହେଉଛି। ପାଠପଢ଼ା ସାରିବା ପରେ ସୁନିଶ୍ଚିତ ଭବିଷ୍ୟତ ନାହିଁ କିମ୍ବା ସୁନ୍ଦର ଭବିଷ୍ୟତର ସ୍ୱପ୍ନ ବି ଦେଖାଯାଉ ନାହିଁ; ଯାହାକି ଯୁବପିଢ଼ୀଙ୍କୁ ନିରାଶା ଭିତରକୁ ଠେଲି ଦେଉଛି। ଯାହାଫଳରେ ନିଶା ବେପାରୀଙ୍କର ଜାଲରେ ଅତି ସହଜ ଭାବରେ ଶିକାର ହେଉଛନ୍ତି ଯୁବପିଢ଼ୀ। ରାଜସ୍ୱ ଆଦାୟ କରିବା ପାଇଁ ସରକାର ଗାଁ ଗାଁରେ ମଦଦୋକାନ ମାନ ଖୋଲୁଛନ୍ତି। ଜଣେ କ୍ଷମତାପ୍ରାପ୍ତ ମଦଦୋକାନୀ ବିଭାଗୀୟ ସଲାସୁତୁରାରେ ପର୍ଯ୍ୟାପ୍ତ ପରିମାଣର ବ୍ୟବସାୟ କରି ଲାଭଅର୍ଜନ କରିବା ପାଇଁ ଅନେକ ଅସାଧୁ ବ୍ୟବସାୟୀ ତିଆରି କରୁଛନ୍ତି; ଯାହାର ଫଳସ୍ୱରୁପ ପ୍ରତି ଗାଁ ଗଣ୍ଡାରେ ଛୋଟଛୋଟ ବ୍ୟବସାୟ ପ୍ରତିଷ୍ଠାନ ମଦ ବିକ୍ରି କରି ନିଜର ଆୟବୃଦ୍ଧି କରୁଛନ୍ତି ଓ ବିପଥଗାମୀ ଯୁବପିଢ଼ୀକୁ ମଦ ଖୋଜିବାକୁ ମଧ୍ୟ ଦୂରସ୍ଥାନକୁ ଯିବାକୁ ପଡୁନି। ଏହାର ସୁଯୋଗରେ ଅନ୍ୟାନ୍ୟ ନିଶା ବ୍ୟବସାୟୀ ମଧ୍ୟ ସେମାନଙ୍କର ମାରାତ୍ମକ ନିଶାକୁ ଗାଁ ଗହଳିରେ ଅନାୟାସରେ ପହଞ୍ଚାଇ ବ୍ୟବସାୟରେ ଲିପ୍ତ ରହୁଛନ୍ତି। ବେଳେବେଳେ ଆଖି ଦେଖାଣିଆ ଚଢ଼ାଉ କରାଯାଇ କିଛି ମଦ ଏବଂ ଅନ୍ୟାନ ନିଶାଦ୍ରବ୍ୟ ମଧ୍ୟ ଜବତ କରି ଖବରକାଗଜର ପୃଷ୍ଠା ମଣ୍ଡନ କରୁଛନ୍ତି ସରକାରୀ ବାବୁମାନେ।

ନିକଟରେ ବିହାରରେ ବିଶାକ୍ତ ମଦ୍ୟପାନ ଯୋଗୁଁ କେତେ ଘର ଉଜୁଡ଼ି ଯାଇଛି ଓ କେତେ ପିଲା ବାପଛେଉଣ୍ଡ ହୋଇଛନ୍ତି ତାହା ସମସ୍ତେ ଜାଣିଛନ୍ତି। କିନ୍ତୁ ସେଠାକାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଲେ- 'ଯିଏ ମଦ ପିଇବ ସିଏ ମରିବ'। ବିହାରରେ ସରକାରୀ ମଦଦୋକାନ ସଂପୂର୍ଣ୍ଣ ବନ୍ଦ ଥିବାବେଳେ ଚୋରା ମଦର ପ୍ରଭାବରେ ଏଭଳି ଘଟଣା ଘଟିଛି। ମୁଖ୍ୟମନ୍ତ୍ରୀ ମଦ ବନ୍ଦ କରୁଥିବାରୁ ଏପରି କଥା କହି ନିଜ ମୁଣ୍ଡରୁ ଦୋଷ ଓହ୍ଲାଇଦେବା ଯୁକ୍ତିଯୁକ୍ତ ଲାଗୁନାହିଁ। ନିର୍ବାଚିତ ସରକାର ଅଭିଜ୍ଞ ବ୍ୟକ୍ତିବିଶେଷଙ୍କୁ ନେଇ କମିଟି ଗଠନ କରି ମଦବ୍ୟବସାୟ ଯୋଗୁଁ କେତେ ଲାଭ ଓ କେତେ ସାମୁହିକ କ୍ଷତି ତା'ର ଆକଳନ କରିବାର ଆବଶ୍ୟକତା ଅଛି। ଯୁବବର୍ଗର ଆଖିରେ ଭବିଷ୍ୟତ କର୍ମ ସଂସ୍ଥାନର ଏକ ସ୍ୱପ୍ନ ତିଆରି ନକଲେ ନିଶାର କବଳରୁ ଏମାନଙ୍କୁ କେହି ବଞ୍ଚାଇ ପାରିବେ ନାହିଁ। ନିକଟରେ ଆମର କେନ୍ଦ୍ରମନ୍ତ୍ରୀଙ୍କର କୋହଭରା ଉକ୍ତିକୁ ମଧ୍ୟ ବିଚାରକୁ ନିଆଯାଇପାରେ- ଯାହାକି ଏବେ ଘରଘରର କାହାଣୀ ଅଟେ। ଯୁବସମାଜକୁ କର୍ମଠ, କୁଶଳୀ ଏବଂ ରୋଜଗାର କ୍ଷମ କରିବାର ପ୍ରୟାସ ସେମାନଙ୍କର ଛାତ୍ରାବସ୍ଥାରୁ ଆରମ୍ଭ ନକଲେ ଖାଲିଥିବା ମନରେ ଶୈତାନ ପ୍ରବେଶ କରି ସେମାନଙ୍କୁ ବିପଥଗାମୀ କରିବ ନିଶ୍ଚୟ।

ସଂପାଦକୀୟ ପୃଷ୍ଠା ପାଇଁ ଲେଖା ଦେବାକୁ ଚାହୁଁଥିଲେ
ଆମ ଠିକଣାରେ
Sector-1/163 HIG Dupled, Niladri Vihar,
Po- Sailashree Vihar, Bhubaneswar - 751021
E-mail: odishasanket@gmail.com

ଓଡ଼ିଆ ଜାତିକୁ ମାନସିକ ଦାରିଦ୍ର୍ୟରୁ ଉଦ୍ଧାର କରିବାର ବାଟ କ'ଣ ମାଗଣା ଚାଉଳ ?

ପଞ୍ଚାନନ କାନୁନ୍‌ଗୋ

ଏମଧ୍ୟରେ ଭାରତ ସରକାର ଦେଶରେ ପ୍ରାୟ ଅଶି କୋଟି ଅର୍ଥାତ୍ ସମୁଦାୟ ଲୋକସଂଖ୍ୟାର ୪୭% ଲୋକଙ୍କୁ ମାଗଣାରେ ଚାଉଳ ଯୋଗାଣ ଘୋଷଣା କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଅନୁରୂପ ଘୋଷଣା କରିଛନ୍ତି। ଅନେକ ରାଜ୍ୟ ସରକାର ଲୋକଙ୍କୁ ଅନେକ ବ୍ୟବହାର୍ଯ୍ୟ ପଦାର୍ଥ ମାଗଣା ଯୋଗାଇ ଦେବାର ଘୋଷଣା କରିବାର ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି। ଏହା ଲୋକଙ୍କୁ କେତେ ସହାୟତା କରୁଛି ତା ବଡ଼ ପ୍ରଶ୍ନ ନୁହେଁ, ସରକାରଙ୍କୁ ଭୋଟ ଯୋଗାଡ଼ କରିବାରେ ବେଶ ସାହାଯ୍ୟ କରୁଥିବା ଦେଖାଯାଉଛି। ଋଣ ଛାଡ଼, ମାଗଣା ଚାଉଳ ଯୋଗାଣ ଦେଶ ତମାମ ବଡ଼ ଚର୍ଚ୍ଚାର ବିଷୟ ହୋଇଛି।

ପୂର୍ବରୁ ବହୁ ବର୍ଷ ଧରି ଦେଶରେ ଥିବା ସରକାରମାନେ ଅନେକ ବ୍ୟବସ୍ଥାରେ ରିହାତି ଦେବାର ବ୍ୟବସ୍ଥା ଚାଲୁ ରଖିଥିଲେ। ପେଟ୍ରୋଲ, ଡିଜେଲ, କିରୋସିନୀ, ଗ୍ୟାସ, ଖାଦ୍ୟ ଯୋଗାଣ, ଚାଷୀଙ୍କୁ ସାର ଆଦି ଯୋଗାଣରେ ରିହାତି ବ୍ୟବସ୍ଥା ଚାଲୁ ରହିଥିଲା। ଏହି ରିହାତି କେନ୍ଦ୍ରୀୟ ବଜେଟରେ ଅନେକ ଚାପ ସୃଷ୍ଟି କରୁଛି ଓ ଦେଶର ଅର୍ଥନୀତିକୁ ବିପର୍ଯ୍ୟୟମୁଖୀ କରୁଥିବାର ଚର୍ଚ୍ଚା ହେଉଥିଲା। ତେଣୁ ରିହାତି ବନ୍ଦ କରିବା ନିମନ୍ତେ ଉଦ୍ୟମ ଆରମ୍ଭ ହେଲା। ମାତ୍ର ଯେଉଁମାନେ ରିହାତି ଉଠାଇବା ସପକ୍ଷରେ ମତ ଦେଉଥିଲେ ସେମାନେ ସରକାରଙ୍କୁ ଆସୁ ଆସୁ ମାଗଣା ଦେବାର ଘୋଷଣା ଓ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ଏହା ଦେଶର ଦାରିଦ୍ର୍ୟ ଦୂର କରିବା ପରିବର୍ତ୍ତେ ଭିକାରୀ ପ୍ରତିଯୋଗିତା ସୃଷ୍ଟି କରିଛି। ଗରିବୀ ଦୁଇ ଭାବରେ ବିଦ୍ୟମାନ। ଗୋଟିଏ ମନସ୍ତାତ୍ତ୍ୱିକ, ଅନ୍ୟଟି ପାରିପାର୍ଶ୍ୱିକ। ଅନ୍ୟ ଅର୍ଥରେ ଗୋଟିଏ ମାନସିକ ପ୍ରତିଫଳନ ଓ ଅନ୍ୟଟି ବାହ୍ୟ ଆଚରଣରେ ପ୍ରତିଫଳିତ ଓ ଦୃଶ୍ୟମାନ। ପ୍ରଥମେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ 'ଗରିବୀ' କ'ଣ ତାହା ବିଚାର କରାଯାଉ। ଏହି ମନସ୍ତାତ୍ତ୍ୱିକ ଦାରିଦ୍ର୍ୟ ଭାବ ମଣିଷ ଭିତରେ କେବେଠାରୁ ପରିଲକ୍ଷିତ ହେଲା ତାହା ନିର୍ଣ୍ଣୟ କରିବା କଷ୍ଟକର। ବସ୍ତୁ ପରିଚୟ ଓ ବସ୍ତୁନିଷ୍ଠ ହେବା ପରେ ମଣିଷ ଭିତରେ ଗୋଟିଏ ଆବଶ୍ୟକତାର ଭାବନା ସୃଷ୍ଟି ହେଲା। ଯାହାର ଅଭାବରେ ମୁଁ ଦୁଃଖୀ, ମୁଁ ଗରିବ, ମୁଁ ହୀନଜନ, ମୁଁ ଭାଗ୍ୟହୀନ ଏଇ ଭାବଟି ମଣିଷ ଭିତରେ ଅଳ୍ପେ ବହୁତେ ଭରିଉଠିଲା। ଏହା ଏକ ମନସ୍ତାତ୍ତ୍ୱିକ ବିଚାର। ଆବଶ୍ୟକତାକୁ ଭିତ୍ତିକରି ମଣିଷର ବିଚାର ଦୃଢ଼ରୁ ଦୃଢ଼ତର ହେଲା। ଏହା ପୂରଣ ନହୋଇ ପାରିଲେ ଗୋଟିଏ ନିର୍ବଳଭାବ ଜାଗ୍ରତ ହେଲା। ଏଥିରୁ ମୁକୁଳିବା ପରିବର୍ତ୍ତେ "କ'ଣ କରିବି" ଦାରିଦ୍ର୍ୟ ପଞ୍ଚାକ୍ଷରୀ ଶବ୍ଦ ନିର୍ବଳ ମଣିଷ ମୁହଁରୁ ବାହାରି ଆସିଲା ଓ ମାନସିକ ସ୍ତରରେ ମଣିଷକୁ ଆବୋରି ବସିଲା। ପାରିପାର୍ଶ୍ୱିକ ଦାରିଦ୍ର୍ୟ ହେଉଛି ନିଜର, ନିଜ ପରିବାରର ଓ ପରିବାର ଚତୁଃପାର୍ଶ୍ୱରେ ଥିବା ଲୋକଙ୍କର ଅଭାବ ଅନଟନ, ଆବଶ୍ୟକତାର ବାସ୍ତବ ସ୍ଥିତିକୁ ନେଇ ଆକଳନ। ଏହା ଦୃଶ୍ୟମାନ। ଖାଇବା, ପିନ୍ଧିବା, ରହିବା, ଶିକ୍ଷା, ଚିକିତ୍ସାରେ ଏହାର ପ୍ରତିଫଳନ ଘଟିଥାଏ ଓ ସାଧାରଣ ଭାବେ ଚିହ୍ନିତ ହୋଇଥାଏ। ହେଲେ ସ୍ଥଳ ଓ ମଣିଷର ଆବଶ୍ୟକତା ବିଶେଷରେ ଏହାର ମାତ୍ରା କମ୍ ବେଶି ହୋଇଥାଏ। ପାରିପାର୍ଶ୍ୱିକ ସ୍ଥିତି ଦୃଷ୍ଟିରୁ ଭାରତ ବିଶ୍ୱରେ ହୁଏତ ଦରିଦ୍ରତମ ଶ୍ରେଣୀ ଅନ୍ତର୍ଭୁକ୍ତ। କିନ୍ତୁ ଓଡ଼ିଶାର ଲୋକେ ସମଗ୍ର ଭାରତର ଜନଗଣଙ୍କ ମଧ୍ୟରେ ଉଭୟ ଦୃଷ୍ଟିରୁ ଯଥା ମାନସିକତା ଓ ପାରିପାର୍ଶ୍ୱିକ ସ୍ଥିତିରୁ ଅତି ନିଉଛୁଣିଆ ଅବସ୍ଥାରେ ଥିବାର ଲକ୍ଷ୍ୟ କରାଯାଏ।

ଅନେକ ଘାତ ପ୍ରତିଘାତ ମଧ୍ୟରେ ଓଡ଼ିଶାର ଆର୍ଥିକ ସ୍ଥିତି ସପ୍ତଦଶ ଶତାବ୍ଦୀରୁ ଖରାପ ଆଡ଼କୁ ଗତିକରି ଯାଇଥିଲା। ମରାଠା, ମୋଗଲ, ପଠାଣମାନଙ୍କ ଅତିଶୟ ଶୋଷଣ ହେତୁ ମୁଖ୍ୟତଃ ଏପରି ଘଟିଥିଲା। ଊନ୍ନବିଂଶ ଶତାବ୍ଦୀ ବେଳକୁ ବିଦେଶୀ ଔପନିବେଶୀୟ ଶାସନ ପ୍ରଭାବରେ ଦାରିଦ୍ର୍ୟ ଓ ଅଭାବୀ ବୃଦ୍ଧି ପାଇଥିଲା। ଏହାର କ୍ରମବର୍ଦ୍ଧିଷ୍ଣୁ ସ୍ଥିତି ପାଇଁ ସମଗ୍ର ରାଜ୍ୟ ଓ ଏହାର ଅଧିବାସୀ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହେବାରେ ଲାଗିଲେ। ହେଲେ ୧୮୬୬ର ନଅଙ୍କ ଦୁର୍ଭିକ୍ଷ ପରେ ଏ ରାଜ୍ୟର ମଣିଷଗୁଡ଼ାକ ମାନସିକ ସ୍ତରରେ ଅଧିକ ଦରିଦ୍ର ହୋଇଗଲେ। ତାଙ୍କ ଭିତରେ ଏ ଦାରିଦ୍ର୍ୟର ଛାପ ଉତ୍କଟ ଥିବାବେଳେ ତିନି ଜଣ ଜନନାୟକ ଓଡ଼ିଆ ଜାତି ଭିତରର ଅସ୍ତିବାଚକ ସ୍ୱଭାବକୁ ଠାବ କଲେ। ଜଣେ ଥିଲେ ଦେଶର ଶ୍ରେଷ୍ଠ ଦାର୍ଶନିକ ଜନନାୟକ ମହାତ୍ମା ଗାନ୍ଧି। ସମସ୍ତ ଅଭାବ ଭିତରେ ହାଡ଼ କଙ୍କାଳ ସାର ଏ ରାଜ୍ୟର ମଣିଷ ହାତଟେକି ଦାନ କରୁଥିବାର ଦେଖିଲେ। ଗାନ୍ଧିଜୀ ନିଜର ଅନୁଭବ ଓ ଅଭିଜ୍ଞତାରୁ ଜାଣିଗଲେ ଯେ ଏଠାକାର ଲୋକେ ଦରିଦ୍ର ସତ ତଥାପି ଏମାନଙ୍କ ମଧ୍ୟରେ ହାତଟେକି ସାହାଯ୍ୟ କରିବାର ପ୍ରବୃତ୍ତି ଅଛି। ନିଜର ଅଜ୍ଞାତରେ ସେମାନେ କ୍ଷୁଦ୍ର ବା ହୀନ ନୁହଁନ୍ତି ବୋଲି ପରିଚୟ ରଖୁଛନ୍ତି। ଏମାନଙ୍କୁ ସାହସ ଦେଲେ ଏମାନେ ଉଠି ବସିବେ। ଏମାନେ ସୁଯୋଗ ପାଇଲେ ଅଣ୍ଟାସଳଖି ଛିଡ଼ା ହେବେ। ସେ ସମୟରେ ଗୋପବନ୍ଧୁ ଦାସ ଦରିଦ୍ର ଓ ନିରନ୍ନ, ବୁଭୁକ୍ଷୁ ତଥା ବନ୍ୟା ଓ ମରୁଡ଼ି ପ୍ରପୀଡ଼ିତ ଲୋକଙ୍କ ପାଇଁ ଗାନ୍ଧିଜୀଙ୍କଠାରୁ ସାହାଯ୍ୟ ଭିକ୍ଷା କରୁଥାନ୍ତି। ଗାନ୍ଧିଜୀ ଠକ୍କର ବାପାଙ୍କୁ ପଠାଇ ସାହାଯ୍ୟର ପେଡ଼ି ଖୋଲି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଗାନ୍ଧିଜୀ ନିଜର ଅଭିଜ୍ଞତା ଓ ଅନୁଭବକୁ ନେଇ ତିଆରି କଲେ ନୂଆ କୌଶଳ। ଗୋପବନ୍ଧୁଙ୍କ ପ୍ରସ୍ତାବ- ପ୍ରପୀଡ଼ିତଙ୍କୁ ସାହାଯ୍ୟ ଦେବା ପରିବର୍ତ୍ତେ "ଚରଖା ରିଲିଫ୍"ର ପ୍ରଚଳନ ପାଇଁ ପ୍ରସ୍ତାବ ରଖିଲେ ଓ କାର୍ଯ୍ୟକ୍ରମ ଆରମ୍ଭ କଲେ। ସେଥିପାଇଁ ଆର୍ଥିକ ସହାୟତାର ମଧ୍ୟ ବନ୍ଦୋବସ୍ତ କଲେ। ଲୋକଙ୍କ ଭିତରେ ଆତ୍ମବଳ ଓ ଆତ୍ମବିଶ୍ୱାସ ଜଗାଇ ଦାରିଦ୍ର୍ୟ – ଦୁର୍ବଳତା ହଟାଇବା ଥିଲା ତାଙ୍କର ଉଦ୍ଦେଶ୍ୟ।

ଆଉ ଜଣେ ଥିଲେ ଓଡ଼ିଆ ଜାତିର ମହାନାୟକ ମଧୁସୂଦନ ଦାସ। ସେ ଓଡ଼ିଆ ଲୋକଙ୍କ ମାନସିକତାକୁ ଲକ୍ଷ୍ୟ କଲେ। ଏମାନଙ୍କ ମନୋବଳ ବୃଦ୍ଧି ସହିତ ଦାରିଦ୍ର୍ୟ ରୂପକ ରୋଗରୁ ମୁକ୍ତ କରି ଏକ କର୍ମଠ, ସମୃଦ୍ଧ ମହାନଜାତି ତିଆରି କରିବାର ପ୍ରୟାସ କଲେ। ଏଠିକାର ମଣିଷ ଭିତରେ ଥିବା କର୍ମ ନିପୁଣତା, କୌଶଳୀ ଭାବ, କାରିଗରୀ ବୁନିଆଦି ଠାବ କରି ଯୋତା ତିଆରି କାରଖାନା, ସୁନା ରୂପା ତାରକସୀ ଶିଳ୍ପ, ବୟନ ଶିଳ୍ପ ସହିତ କୃଷିକାର୍ଯ୍ୟରେ ଆଧୁନିକତାର ସ୍ପର୍ଶ ଦେଇ ଅନେକ କାର୍ଯ୍ୟ କଲେ। ନିଜେ ନିଜର ଶକ୍ତି ସାମର୍ଥ୍ୟ ବୃଦ୍ଧି କରିବା ସମ୍ଭବ ବୋଲି ଗୋଟିଏ ପ୍ରତ୍ୟୟ ସୃଷ୍ଟି କରିବାକୁ ଚେଷ୍ଟାକଲେ। ସେହିପରି ଏ ରାଜ୍ୟର ରୁଗ୍ଣ ଅଭାବୀ ମଣିଷ ଯେ ଅତ୍ୟନ୍ତ ଶକ୍ତିଶାଳୀ ଏକଥା ଚେତେଇ ଦେଇଥିଲେ ଜଣେ ଇଂରେଜ ପ୍ରଶାସକ। ତାଙ୍କ ନାମ ଜନ୍ ବୀମ୍ସ। ସେ କହିଲେ- ଏ ଜାତିର ବଳିଷ୍ଠ ଐତିହ୍ୟ ଅଛି, ଏମାନେ ସମସ୍ତେ କର୍ମଠ ବୋଲି ସୂଚେଇ ଦେଲେ। ଏମାନଙ୍କର ଶକ୍ତି ସାମର୍ଥ୍ୟ ଅଛି। ତାହା ଶୁପ୍ତ, ଜାଗ୍ରତ କରିବା ଓ କରାଇବା ଆବଶ୍ୟକ।

ଗୋଟିଏ ପକ୍ଷରେ ବୁଝିବାକୁ ଗଲେ ଏହି ତ୍ରୟଙ୍କ ମାର୍ଗ ଦର୍ଶନ ଏକ ଥିଲା, ସବୁ କିଛି କରିପାରିବାର ପ୍ରତ୍ୟୟ ସୃଷ୍ଟିକରିବା ଏହାଙ୍କର ଲକ୍ଷ୍ୟ ଥିଲା। ହେଲେ ସେମାନଙ୍କର ଉଦ୍ୟମ ବିଶେଷ ଫଳପ୍ରଦ ହେଲାନାହିଁ। ଅନ୍ୟପକ୍ଷରେ ରିଲିଫ୍ ବାଣ୍ଟିବା, ହାତପାତି ନେବାର ସ୍ୱଭାବକୁ ଧରିରଖିବା ପାଇଁ ଅନ୍ୟ କିଛି ନେତାଙ୍କର କାର୍ଯ୍ୟ ଏ ଜାତିର ମାନସିକ ଦାରିଦ୍ର୍ୟକୁ ବଢ଼ାଇ ଦେବାରେ ସାହାଯ୍ୟ କଲା ସିନା ପାରିପାର୍ଶ୍ୱିକ ଦାରିଦ୍ର୍ୟ କମାଇଲା ନାହିଁ। ଅପରପକ୍ଷରେ ନେତା ଓ ନେତୃତ୍ୱର ବିଚାର ରୁଗ୍ଣ ମାନସିକତାକୁ ଅଧିକ ରୁଗ୍ଣ କରି ଗଢ଼ି ତୋଳିଲା। ଫଳସ୍ୱରୂପ ରାଜ୍ୟ ଓ ରାଜ୍ୟବାସୀ ଦରିଦ୍ର ହେବାରେ ଲାଗିଲେ।

ଏହି ମନସ୍ତତ୍ତ୍ୱଟି ଅପସରି ଯିବ ଯଦି ଦୁନିଆର ଦୌଡ଼ରେ ସମଗ୍ର ରାଜ୍ୟ ଓ ତା'ର ଅଧିବାସୀଙ୍କୁ ସାମିଲ କରି ଦିଆଯିବ। ଏହି ଦୌଡ଼ରେ ସାମିଲ କରିବା ପାଇଁ ପ୍ରଥମେ ପ୍ରତ୍ୟେକ ବ୍ୟକ୍ତି ଭିତରେ ଓ ତା'ର ଚତୁଃପାର୍ଶ୍ୱରେ ଅସ୍ତିବାଚକ ଶକ୍ତି ବୃଦ୍ଧି ଘଟାଇବା ଦରକାର ଓ ଶକ୍ତିବୃଦ୍ଧି କେବଳ ସମ୍ଭବ ହେବ ରାଜ୍ୟରୁ ଅଭାବୀ ଓ ଆର୍ଥିକ ଦାରିଦ୍ର୍ୟ ଦୂର ହେଲେ। ଏ ସମସ୍ତର ବିଚାର କରିବାର ସମୟ ଆସିଛି। 'ଦାରିଦ୍ର୍ୟ' ଅର୍ଥନୈତିକ ଦୃଷ୍ଟିକୋଣରୁ ଚିହ୍ନଟ ହେବା ଦରକାର ଓ ଏହାର କାରଣ ସମୂହ ମଧ୍ୟ ନିର୍ଣ୍ଣିତ ହେବା ଦରକାର। **(କ୍ରମଶଃ...)**

> “
> ଅନେକ ଘାତ ପ୍ରତିଘାତ ମଧ୍ୟରେ ଓଡ଼ିଶାର ଆର୍ଥିକ ସ୍ଥିତି ସପ୍ତଦଶ ଶତାବ୍ଦୀରୁ ଖରାପ ଆଡ଼କୁ ଗତିକରି ଯାଇଥିଲା। ମରାଠା, ମୋଗଲ, ପଠାଣମାନଙ୍କ ଅତିଶୟ ଶୋଷଣ ହେତୁ ମୁଖ୍ୟତଃ ଏପରି ଘଟିଥିଲା। ଊନ୍ନବିଂଶ ଶତାବ୍ଦୀ ବେଳକୁ ବିଦେଶୀ ଔପନିବେଶୀୟ ଶାସନ ପ୍ରଭାବରେ ଦାରିଦ୍ର୍ୟ ଓ ଅଭାବୀ ବୃଦ୍ଧି ପାଇଥିଲା। ଏହାର କ୍ରମବର୍ଦ୍ଧିଷ୍ଣୁ ସ୍ଥିତି ପାଇଁ ସମଗ୍ର ରାଜ୍ୟ ଓ ଏହାର ଅଧିବାସୀ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହେବାରେ ଲାଗିଲେ। ହେଲେ ୧୮୬୬ର ନଅଙ୍କ ଦୁର୍ଭିକ୍ଷ ପରେ ଏ ରାଜ୍ୟର ମଣିଷଗୁଡ଼ାକ ମାନସିକ ସ୍ତରରେ ଅଧିକ ଦରିଦ୍ର ହୋଇଗଲେ। ତାଙ୍କ ଭିତରେ ଏ ଦାରିଦ୍ର୍ୟର ଛାପ ଉତ୍କଟ ଥିବାବେଳେ ତିନି ଜଣ ଜନନାୟକ ଓଡ଼ିଆ ଜାତି ଭିତରର ଅସ୍ତିବାଚକ ସ୍ୱଭାବକୁ ଠାବ କଲେ। ଜଣେ ଥିଲେ ଦେଶର ଶ୍ରେଷ୍ଠ ଦାର୍ଶନିକ ଜନନାୟକ ମହାତ୍ମା ଗାନ୍ଧି।

ବିଜ୍ଞାନ ମେଳାର ଦୁଃଖ

ରୁଦ୍ର ପ୍ରସନ୍ନ ରଥ

WATER PURIFYING TAN
WATER CONSERVATION THE MATH WAY
Linear Programming Problem

ଶୀତଦିନ ଆସିଲାମାନେ ଆମ ବିଦ୍ୟାଳୟ ସବୁ ଚଳଚଂଚଳ ହୋଇଉଠନ୍ତି। ଗୋଟିଏ ପରେ ଗୋଟିଏ ସାମାଜିକ ଏବଂ ସାଂସ୍କୃତିକ ରଂଗାରଂଗ କାର୍ଯ୍ୟକ୍ରମ ଭିତରେ ଧୀରେଧୀରେ ପାଠପଢ଼ା ବର୍ଷ ସରିସରି ଆସେ ବୋଲି ଅନୁଭୂତ ହୁଏ। ଏହି ସମୟରେ ଅନେକ ବିଦ୍ୟାଳୟରେ ବିଜ୍ଞାନମେଳା ଅନୁଷ୍ଠିତ ହୁଏ। ବିଦ୍ୟାଳୟରେ ବିଜ୍ଞାନମେଳା ଅନୁଷ୍ଠିତ ହେବା ଏକ ବହୁ ପୁରୁଣା ପରମ୍ପରା। ଏହି ମେଳାଦ୍ୱାରା ପିଲାଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରାର ପ୍ରଚାର ପ୍ରସାର କରାଯାଏ ବୋଲି ଅନେକ ବିଶ୍ୱାସ କରନ୍ତି।

ପ୍ରକୃତରେ ବିଜ୍ଞାନ ମେଳାରେ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ପିତାମାତାଙ୍କର ସହଭାଗିତା ରହିବା ଦରକାର। ଶିକ୍ଷକଙ୍କ ମାର୍ଗଦର୍ଶନରେ ପିଲାଟିଏ ସାଧାରଣ ଭାବେ ମୌଳିକ ବିଜ୍ଞାନର ସିଦ୍ଧାନ୍ତକୁ ନେଇ ହେଉଥିବା ପ୍ରକଳ୍ପସବୁ ସ୍ଥାନୀୟ ସୂତ୍ରରେ ମିଳୁଥିବା ଉପକରଣକୁ ନେଇ ପ୍ରସ୍ତୁତ କରିବା ଆବଶ୍ୟକ। ଏପରି କରିବା ଦ୍ୱାରା ପିଲାମାନେ ନିଜସ୍ୱ ପରିଶ୍ରମରେ ବିଜ୍ଞାନକୁ ସହଜରେ ବୁଝିପାରନ୍ତି। ସ୍ଥାନୀୟ ଉପକରଣରେ ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ମାଧ୍ୟମରେ ପିଲାର ସୃଜନାତ୍ମକ ଶକ୍ତିର ବିକାଶ ହୋଇଥାଏ। ପିତାମାତା ବି ଜାଣିପାରନ୍ତି ଯେ ପିଲା ବିଜ୍ଞାନ ପଢ଼ିବାରେ କେତେ ପଟୁତା ହାସଲ କରିଛି।

ତେବେ ଗତକିଛି ବର୍ଷ ହେଲା ଏହି ପରମ୍ପରାରେ ବ୍ୟାପକ ପରିବର୍ତ୍ତନ ଆସିବାର ଲକ୍ଷ୍ୟ କରାଯାଇଛି। ଏବେ ବିଜ୍ଞାନମେଳା କଥା ଆଲୋଚନା ହେଲାମାନେ ପିଲା ଏବଂ ପିତାମାତାଙ୍କ ମଧ୍ୟରେ ଭାଳେଣି ପଡ଼ିଯାଉଛି। ବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ମେଳାର ତାରିଖ ଘୋଷଣା ହେଲା ମାତ୍ରେ ପିଲାମାନେ ଘରେ ପ୍ରକଳ୍ପ ତିଆରି କରି ଦେବାକୁ ଅଝଟ ଆରମ୍ଭ କରି ଦେଉଛନ୍ତି। ପିଲାଙ୍କ ଅଝଟ ଦେଖି ବାପା ମା' ବଜାର ବାହାରିବାକୁ ବାଧ୍ୟ ହେଉଛନ୍ତି।

ବଜାରରେ ଏହି ପ୍ରକଳ୍ପ ସବୁ ତିଆରି କରି ଲୋକଙ୍କୁ ଯୋଗାଇ ଦେବାକୁ ଦୋକାନ ମଧ୍ୟ ଖୋଲିଗଲାଣି। ଏଠି ପୂର୍ବ ନିର୍ଦ୍ଧାରିତ ଦରରେ ପ୍ରକଳ୍ପ ସବୁ ମିଳୁଛି। ମୂଲ୍ୟ ୫୦୦ରୁ ଆରମ୍ଭ କରି ୫୦ ହଜାର ଟଙ୍କା ଯାଏ। ଯିଏ ଯେତେ ପାରିଲା ନିଜର ସାଧ୍ୟ ମତେ ଦେଇ ପିଲାଙ୍କୁ ଖୁସି କରିବାକୁ ଦୋକାନରୁ ପ୍ରକଳ୍ପ ଉଠାଇ ନେଉଛି। ବୁଝୁ କିମ୍ବା ନବୁଝୁ ପିଲା ସେହି ପ୍ରକଳ୍ପ ଧରି ସ୍କୁଲରେ ହାଜର ହୋଇଯାଉଛି। ଯାହାର ଯେତେ ବଡ଼ ପ୍ରକଳ୍ପ ସ୍କୁଲରେ ତାହାର ଖାତିର ସେତେ ବେଶୀ।

ସେପଟେ ସ୍କୁଲରେ ବିଜ୍ଞାନମେଳା ଏକ ଉତ୍ସବରେ ପରିଣତ ହେଉଛି। ଯେଉଁଠି ଗୋଷ୍ଠୀସ୍ତରୀୟ ବା ଏକାଧିକ ବିଦ୍ୟାଳୟକୁ ନେଇ ବିଜ୍ଞାନମେଳା ଆୟୋଜିତ ହେଉଛି ସେଠି ସ୍ଥିତି ଆହୁରି ଭିନ୍ନ। ବଡ଼ ବଡ଼ ଷ୍ଟଲ ଭିତରେ ପିଲାମାନଙ୍କୁ ଖୁନ୍ଦି ବସାଇ ଦିଆଯାଉଛି। ପ୍ରକଳ୍ପ ଠିକ୍ ଭାବେ ଥୋଇବାକୁ ଜାଗା ନାହିଁ। ସେପଟେ ସ୍କୁଲ କର୍ତ୍ତୃପକ୍ଷଙ୍କ ପାଖରେ ପିଲାଙ୍କ ପାଇଁ ସମୟ ନାହିଁ। ସେମାନେ ମୁଖ୍ୟ ଅତିଥିଙ୍କୁ ସଙ୍ଖୋଳିବାରେ ବ୍ୟସ୍ତ। ତାଙ୍କର ଆସିବା, ବସିବା ଆଉ ଖାଇବାକୁ ନେଇ ସମସ୍ତେ ଏତେ ବ୍ୟସ୍ତ ଯେ ପିଲାମାନଙ୍କର ପ୍ରକଳ୍ପ ଉପରେ ଆଉ କାହାର ନିଘା ନଥାଏ। ମୁଖ୍ୟ ଅତିଥିଙ୍କର ଏକାଧିକ କାମ ଥିବାରୁ ଗୋଟିଏ ଦୁଇଟି ପ୍ରକଳ୍ପର ସମୀକ୍ଷା ପରେ ସେଠାରୁ ସେ ପ୍ରସ୍ଥାନ କରନ୍ତି। ଏପରି ସ୍ଥିତିରେ ସେଠାରେ ନା ପିଲାଙ୍କର ଆଉ ବୁଝାଇବାର ଇଚ୍ଛା ନା ଆଉ କାହାର ଦେଖିବାର ଇଚ୍ଛା ଥାଏ। ଯେନେତେଣ ପ୍ରକାରରେ ଜଣେ ଅଧେଙ୍କୁ ପୁରସ୍କାର ଦେଇ ଏହି କାର୍ଯ୍ୟକ୍ରମ ଶେଷ କରିବା ଦିଗରେ ଆୟୋଜକମାନେ ଚେଷ୍ଟା କରନ୍ତି। ସଫଳ କିମ୍ବା ବିଫଳ ମନୋରଥ ନେଇ ପିଲାଟି ଘରକୁ ଫେରିବା ପରେ ବିଜ୍ଞାନ ପ୍ରକଳ୍ପଟି ଘର କଣରେ ପଡ଼ି ରହେ। ପୁଣି ଆଉ ଗୋଟିଏ ବର୍ଷ ଆଉ ଥରେ ବିଜ୍ଞାନମେଳା ହେବା ଯାଏ।

କୌଣସି ବିଷୟରେ ଶିଶୁଙ୍କର ଉପସ୍ଥିତିକୁ ସୁନିଶ୍ଚିତ କରିବାକୁ ହେଲେ ଏହାକୁ ଚିତ୍ତାକର୍ଷକ ଏବଂ ଲୋଭନୀୟ କରାଯିବା ଦରକାର। ଏପରି ହେଲେ ଏଥିରେ ସାମିଲ ହୋଇଥିବା ଶିଶୁର ମାନସିକ ବିକାଶ ହେବା ସହ ସେ ଏଥିରୁ ଆନନ୍ଦ ଲାଭ କରିପାରିବ। ଏହି ସବୁ ମେଳାଗୁଡ଼ିକରେ ପିଲାଙ୍କ ମଧ୍ୟରେ ପ୍ରକଳ୍ପକୁ ନେଇ ପ୍ରତିଯୋଗିତା ହେବା ନିହାତି ଆବଶ୍ୟକ ନୁହେଁ, ବରଂ ପିଲାପିଲାଙ୍କ ମଧ୍ୟରେ ଏହାକୁ ଆଗ୍ରହ ସୃଷ୍ଟି ହେବା ଆବଶ୍ୟକ। ପିଲା ଭାଗ ନେବା ପାଇଁ ନିଜ ଭିତରେ ପ୍ରତିଯୋଗିତା କରିବା ଦରକାର, ପ୍ରତିଦ୍ୱନ୍ଦିତା କରିବା ପାଇଁ ନୁହେଁ।

ଆମ ଦେଶରେ ବିଜ୍ଞାନକୁ ସବୁବେଳେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଗମ୍ଭୀର ବିଷୟବସ୍ତୁ ବୋଲି ବିଚାର କରାଯାଏ। ଅନେକ ଆଶା କରନ୍ତି ଯେ ବିଜ୍ଞାନକୁ ନେଇ ଆମେ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଏବଂ ମହତ୍ତର ପ୍ରସଙ୍ଗସବୁର ଆଲୋଚନା କରିବା ଦରକାର। କିନ୍ତୁ ଏହା ସବୁବେଳେ ସତରେ ହୋଇପାରେ ନାହିଁ। ଏହାର କାରଣ ରୁପେ ଆମେ ବିଦ୍ୟାଳୟ ସ୍ତରରେ ବିଜ୍ଞାନମେଳା ପରି ହେଉଥିବା ଅନାକର୍ଷଣୀୟ ବ୍ୟବସ୍ଥାକୁ ଦାୟୀ କରିପାରିବା। ଯେଉଁଠି ବିଜ୍ଞାନକୁ ନେଇ ପିଲାଙ୍କୁ ଚିନ୍ତା କରିବାକୁ ସୁଯୋଗ ସୃଷ୍ଟି କରାଯାଇ ପାରେ ନାହିଁ, ଯେଉଁଠି ବିଜ୍ଞାନକୁ ନେଇ ପିତାମାତା, ଶିକ୍ଷକ ଏବଂ ପିଲାମାନଙ୍କୁ ଗୋଟିଏ ପ୍ଲାଟଫର୍ମରେ ଅଣାଯାଇ ପାରୁନାହିଁ ସେଠାରେ ବିଜ୍ଞାନ ଶିକ୍ଷାର ଭିତ୍ତିଭୂମି ବିକାଶ ହେବ ବା କେମିତି ?

ଏହି ବିଜ୍ଞାନ ମେଳାର ମଡେଲକୁ ନେଇ ଏବେ ଲୋକମାନଙ୍କ ମଧ୍ୟରେ ବେଶ ସମାଲୋଚନା ହେଉଛି। ଏହା ଶିକ୍ଷାକୁ ଆହୁରି ବ୍ୟୟବହୁଳ କରିବା ସଂଗେ ସଂଗେ ଏହା ଗରୀବ ମେଧାବୀ ପିଲାମାନଙ୍କୁ ବିଜ୍ଞାନ ଶିକ୍ଷାଠାରୁ ଦୂରେଇ ନେଉଛି ବୋଲି ଅନେକ ଅଭିଯୋଗ ବି କରୁଛନ୍ତି। ଶିକ୍ଷା ବ୍ୟବସ୍ଥାଟି ସଂପୂର୍ଣ୍ଣ ରୂପେ ବ୍ୟବସାୟୀକରଣ ଦ୍ୱାରା ଜଟିଳ ହୋଇପଡ଼ିଥିବାବେଳେ ବିଜ୍ଞାନମେଳା ପରି ବ୍ୟବସ୍ଥା ଏହାକୁ ଆହୁରି ବିଗାଡ଼ି ଦେଉଛି ବୋଲି ଅନେକଙ୍କର ମତ।

ତେବେ ଏହି ବିଜ୍ଞାନମେଳା ସବୁରେ ଅନେକ ପରିବର୍ତ୍ତନ କରାଯାଇ ପାରିବ। ପିଲାମାନେ ନିଜ ହାତରେ ପ୍ରକଳ୍ପ ତିଆରି କରିବା ବାଧ୍ୟତାମୂଳକ ହେବା ସହ ସ୍ଥାନୀୟ ଉପକରଣ ବା ବର୍ଜ୍ୟବସ୍ତୁରୁ ପ୍ରକଳ୍ପ ସବୁ ପ୍ରସ୍ତୁତ ହେଉ। ସେହିପରି ପିଲାର ପ୍ରକଳ୍ପକୁ ନେଇ ନୁହେଁ ବରଂ ତାହାର ବୁଝାଇବା ଶୈଳୀକୁ ଗୁରୁତ୍ୱ ଦିଆଯାଉ ତାହା ସହିତ ଅତିଥିମାନେ ସ୍କୁଲର ଅତିଥି ଚର୍ଚ୍ଚାରେ ସମୟ କାଟିବା ଅପେକ୍ଷା ପିଲାଙ୍କ ସହ ବିଜ୍ଞାନ ପ୍ରକଳ୍ପ ସବୁର ଆଲୋଚନାରେ ଅଧିକ ସମୟ ବିତାନ୍ତୁ। ମୋଟ୍ ଉପରେ ଏହା ଏକ ଶିକ୍ଷଣୀୟ ବ୍ୟବସ୍ଥା ହେଉ। ପିତାମାତା ଏବଂ ଛାତ୍ରଛାତ୍ରୀଙ୍କୁ ଭାରାକ୍ରାନ୍ତ କରି କୌଣସି ଆୟୋଜନ କେବେ ବି ସଫଳହୁଏ ନାହିଁ ବୋଲି ସ୍କୁଲ କର୍ତ୍ତୃପକ୍ଷ ହୃଦୟଙ୍ଗମ କଲେ ବିଜ୍ଞାନ ମେଳା ଆୟୋଜନର ରୂପରେଖରେ ପରିବର୍ତ୍ତନ ଆସିବ।

ଧବଳଗିରି, ଯାଜପୁର ରୋଡ
ଫୋ-୭୯୭୮୬୭୧୭୭୬

> “
> ପ୍ରକୃତରେ ବିଜ୍ଞାନ ମେଳାରେ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ପିତାମାତାଙ୍କର ସହଭାଗିତା ରହିବା ଦରକାର। ଶିକ୍ଷକଙ୍କ ମାର୍ଗଦର୍ଶନରେ ପିଲାଟିଏ ସାଧାରଣ ଭାବେ ମୌଳିକ ବିଜ୍ଞାନର ସିଦ୍ଧାନ୍ତକୁ ନେଇ ହେଉଥିବା ପ୍ରକଳ୍ପସବୁ ସ୍ଥାନୀୟ ସୂତ୍ରରେ ମିଳୁଥିବା ଉପକରଣକୁ ନେଇ ପ୍ରସ୍ତୁତ କରିବା ଆବଶ୍ୟକ।

ଗୋଟିଏ କକ୍ଷରେ ଚାଲିଛି ୫ ଶ୍ରେଣୀର ପାଠପଢ଼ା

ଖଡ଼ିଆଳ: ପୁଣି ସାମ୍ନାକୁ ଆସିଛି ସରକାରୀ ସ୍କୁଲର ଦୁର୍ବଳ ଭିତ୍ତିଭୂମିର ଚିତ୍ର। ଗୋଟିଏ କକ୍ଷରେ ପଢୁଛନ୍ତି ୫ଟି ଶ୍ରେଣୀର ପ୍ରାୟ ୫୮ ଜଣ ଛାତ୍ରଛାତ୍ରୀ। ସେପଟେ ସେମାନଙ୍କୁ ପାଠ ପଢ଼ାଇବା ନିମନ୍ତେ ରହିଛନ୍ତି ମାତ୍ର ୨ ଜଣ ଶିକ୍ଷକ। ଏ ଚିତ୍ର ହେଉଛି ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ କର୍ଲାକୋଟ ପଞ୍ଚାୟତର ବନ୍ଦପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର।

୨୦୧୨ ମସିହାରେ ଏହି ସ୍କୁଲଟି ସ୍ଥାପିତ ହୋଇଥିଲା। ତେବେ ଏଥିରେ ମାତ୍ର ଗୋଟିଏ ଶ୍ରେଣୀ ଗୃହ ରହିଛି। ଏହି ଶ୍ରେଣୀ ଗୃହରେ ପ୍ରଧାନଶିକ୍ଷକ ଅଫିସ୍ କାମ କରିବା ସହିତ ମଧ୍ୟାହ୍ନ ଭୋଜନ ଚାଉଳ ବସ୍ତା ମଧ୍ୟ ଗଚ୍ଛିତ କରି ରଖିଛନ୍ତି। ଏହା ସହିତ ଏହି ଏକ ମାତ୍ର ଶ୍ରେଣୀ ଗୃହରେ ତିନିଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଯାଏ। ବାକି ଦୁଇଟି ଶ୍ରେଣୀର ଛାତ୍ରଛାତ୍ରୀ ସ୍କୁଲ ବାରଣ୍ଡାରେ ପଢ଼ନ୍ତି। ଏଥିଯୋଗୁ ଛାତ୍ରଛାତ୍ରୀଙ୍କୁ ବହୁତ ଅସୁବିଧା ହେଉଛି। ବର୍ଷା ଦିନେ ଏହି ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏକ ପ୍ରକାର ବନ୍ଦ ହୋଇଯାଏ। କାରଣ ବାରଣ୍ଡାରେ ବସିଲେ ସେମାନଙ୍କ ଉପରେ ପାଣି ପଡ଼େ। ସେହିପରି ସେମାନଙ୍କ ବହିବସ୍ତାନି ଓଦା ହୋଇଯାଏ। ଏଭଳି ଅଭାବନୀୟ ସ୍ଥିତି ଯୋଗୁ ସ୍କୁଲରେ ଉପସ୍ଥାନ କମିବାରେ ଲାଗିଛି। ଆଉ ଏହା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିଭଳି ଏହି ସ୍କୁଲ୍‌ରେ ପାଠପଢ଼ାଇବା ପାଇଁ ପ୍ରଧାନଶିକ୍ଷକଙ୍କ ସହିତ ଜଣେ ମାତ୍ର ଶିକ୍ଷୟିତ୍ରୀ ଅଛନ୍ତି। କୌଣସି କାରଣରୁ ସେମାନଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଲେ ପାଠପଢ଼ା ଏକ ପ୍ରକାର ବନ୍ଦ ହୋଇଯାଏ କହିଲେ ଭୁଲ୍ ହେବ ନାହିଁ।

ଛାତ୍ରମାନଙ୍କ କହିବା ମୁତାବକ ଗୋଟିଏ ଶ୍ରେଣୀ ଗୃହରେ ପାଠପଢ଼ିବାରେ ବହୁତ ହଇରାଣ ହେବାକୁ ପଡୁଛି। ଗୋଟିଏ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷକ ପାଠ ପଢ଼ାଇଲେ ଅନ୍ୟ ଶ୍ରେଣୀର ପିଲାମାନଙ୍କ ପାଠପଢ଼ାରେ ବିଘ୍ନ ଉପୁଜୁଛି। ପ୍ରତି ଶ୍ରେଣୀ ନିମନ୍ତେ ଶିକ୍ଷକ ନାହାନ୍ତି। ତେଣୁ ସରକାର ଯଥାଶୀଘ୍ର ସମସ୍ତ ଶ୍ରେଣୀ ନିମନ୍ତେ ପକ୍କାଘର ଓ ଜଣେ ଲେଖାଏଁ ଶିକ୍ଷକ ଦେବା ବ୍ୟବସ୍ଥା କରନ୍ତୁ। ଫଳରେ ସମସ୍ତଙ୍କୁ ପାଠ ପଢ଼ିବାରେ ସୁବିଧା ହେବ।

ତିଖାଲି ଡ୍ୟାମ ଯୋଗୁ ବିସ୍ଥାପିତ ହୋଇଥିବା ଅନେକ ପରିବାର ବନ୍ଦପଡ଼ାରେ ରୁହନ୍ତି ଓ ସେମାନଙ୍କ ପିଲାମାନେ ଏହି ସ୍କୁଲରେ ପାଠପଢ଼ନ୍ତି। ଏହି ବିସ୍ଥାପିତ ପରିବାରର ପିଲାମାନଙ୍କ ପାଠପଢ଼ା ନିମନ୍ତେ ସବୁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ହେଲେ ପ୍ରତିଶ୍ରୁତି ପ୍ରତାରଣା ପାଲଟି ଯାଇଛି।

ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଅଭିଯୋଗ କରିଛନ୍ତି ଯେ, ସରକାର ପିଲାମାନଙ୍କ ଭବିଷ୍ୟତ ସହ ଖେଳିବା ବନ୍ଦ କରନ୍ତୁ। ସରକାରୀ ସ୍କୁଲର ଏଭଳି ଦୁର୍ଦ୍ଦଶା ଯୋଗୁ ପିଲାମାନଙ୍କ ଭବିଷ୍ୟତ ଠିକ୍ ଭାବେ ଗଢ଼ା ଯାଇପାରୁନି। ସରକାର ଦାୟିତ୍ୱହୀନ ନ ହୋଇ ଠିକ୍ ଭାବେ କାମ କରନ୍ତୁ। ଏହି ସ୍କୁଲରେ ଆବଶ୍ୟକ ସଂଖ୍ୟକ ୫ଟି ଶ୍ରେଣୀଗୃହ ନିର୍ମାଣ କରାଯାଉ। ସେମାନଙ୍କୁ ପାଠ ପଢ଼ାଇବା ନିମନ୍ତେ ଶିକ୍ଷକ ନିଯୁକ୍ତ କରନ୍ତୁ।

ପ୍ରଧାନଶିକ୍ଷକ କହିଛନ୍ତି, ପିଲାମାନଙ୍କୁ ପାଠ ପଢ଼ାଇବା ନିମନ୍ତେ ବହୁତ ହଇରାଣ ହେବାକୁ ପଡୁଛି। ନିହାତିପକ୍ଷେ ପ୍ରତ୍ୟେକ ଶ୍ରେଣୀ ନିମନ୍ତେ ଗୋଟିଏ ଲେଖାଏଁ କୋଠରୀ ଆବଶ୍ୟକ। ସ୍କୁଲରେ ପାନୀୟଜଳ ସମସ୍ୟା ରହିଛି। ହେଲେ ପ୍ରଥମେ ସରକାର ଶ୍ରେଣୀ ଗୃହ କରିବାକୁ ପଦକ୍ଷେପ ନିଅନ୍ତୁ। ଅନେକ ଥର ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନି।

ଡ୍ୟୁଟି ଥାଇ ଡାକ୍ତର ଆସୁନାହାନ୍ତି, ଚିଲିକା ଭିତରେ ରୋଗୀ କଲବଲ

କୃଷ୍ଣପ୍ରସାଦ: ଡାକ୍ତର ଅଛନ୍ତି। କିନ୍ତୁ ଡ୍ୟୁଟି ସମୟରେ ଡାକ୍ତରଖାନା ଆସୁନାହାନ୍ତି। ଏହି ଅଭିଯୋଗ ଆସିଛି ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ। ପୁଣି ଜଣେ ନୁହେଁ, ନିଯୁକ୍ତି ପାଇଥିବା ସମସ୍ତ ୩ ଜଣ ଡାକ୍ତରଙ୍କ ବିରୋଧରେ ଆସିଛି ଏମିତି ଅଭିଯୋଗ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।

୧୬ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୪ଟି ପଞ୍ଚାୟାତର ୬ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ହେଲେ ଡାକ୍ତରମାନେ ରହୁ ନଥିବା ଯୋଗୁ ରୋଗୀଙ୍କୁ ଉତ୍ତମ ଚିକିତ୍ସା ମିଳୁନାହିଁ। ଅନ୍ୟପଟେ ଅତି ସାଧାରଣ ରୋଗୀଙ୍କୁ ମଧ୍ୟ ବହୁ ସମୟରେ ଅନ୍ୟ ସ୍ଥାନକୁ ରେଫର କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ସେମାନେ ହଇରାଣ ହୋଇ ୭୦ରୁ ଅଧିକ କିମି ଦୂର ପୁରୀ, ଭୁବନେଶ୍ୱର ଓ ବ୍ରହ୍ମପୁର ଯାଇ ଚିକିତ୍ସିତ ହେଉଛନ୍ତି। ଗରିବ ଲୋକଙ୍କ ପାଇଁ ଏହା ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେଉଛି। ଅନେକ ଗରିବ ଲୋକ ଦୂର ସ୍ଥାନକୁ ନଯାଇ ଭାଗ୍ୟକୁ ଆଦରି ରହିଯାଉଛନ୍ତି। ତେଣୁ ଲୋକଙ୍କୁ କିପରି ଏଠାରେ ପ୍ରତାରିତ କରାଯାଉଛି, ତାହା ସହଜରେ ଅନୁମେୟ। ଘଟଣା ଦିନ ଡାକ୍ତର ଓ ନର୍ସଙ୍କ ଅନୁପସ୍ଥିତି ନେଇ ଫାର୍ମାସିଷ୍ଟ କହିଥିଲେ ଯେ ଡାକ୍ତରମାନେ ନିଜସ୍ୱ ସମସ୍ୟା ଯୋଗୁ ଆସିନାହାନ୍ତି। ନର୍ସମାନେ ଆଉ ନାହାନ୍ତି। ସେମାନଙ୍କର ବଦଳି ହୋଇଯାଇଛି। ଇନ୍‌ଫରମେସନ୍ ବୋର୍ଡରେ ଥିବା ଲେଖା ପୁରୁଣା, ତାକୁ ବଦଳା ଯାଇପାରିନି।

ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ୟା ଲାଗି ରହିଛି। ଏନେଇ ସିଡିଏମ୍‌ଙ୍କୁ ବାରମ୍ବାର କୁହାଯାଇଛି। ହେଲେ ସେ ସମସ୍ୟାର ସମାଧାନ କରୁନାହାନ୍ତି। ଡାକ୍ତରମାନେ ଠିକ୍ ଭାବେ ଡ୍ୟୁଟି କରୁନାହାନ୍ତି। ମେଡିକାଲ ପରିସରରେ ଥିବା କ୍ୱାର୍ଟର୍ସରେ ରହୁନାହାନ୍ତି। ଏଠାରେ ରୋଗୀଙ୍କ ଜୀବନ ସହିତ ଖେଳ ଚାଲିଛି। ଏହାକୁ ନେଇ ସମସ୍ତଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସରକାର ତୁରନ୍ତ ଦାୟିତ୍ୱରେ ଅବହେଳା କରୁଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

ସୁରତ ଓ ମୁମ୍ବାଇର ସୂତାକଳରେ ଦିନେ ଥିଲେ ଶ୍ରମିକ, ଏବେ ବ୍ରହ୍ମପୁରରେ ମାଲିକ

ବ୍ରହ୍ମପୁର: ସୁରତ ଓ ମୁମ୍ବାଇର ସୂତାକଳରେ ଦିନେ ଶ୍ରମିକ ଥିଲେ। ହେଲେ ଏବେ ମାଲିକ। ନିଜ ଗାଁରେ ସୂତାକଳ ପକାଇ ଅନେକ ଶ୍ରମିକଙ୍କୁ ଦେଲେଣି ରୋଜଗାର। ଗଂଜାମ ଜିଲା ବ୍ରହ୍ମପୁର ଅନ୍ତର୍ଗତ ବାଳକୃଷ୍ଣପୁର ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଜଣେ ସଫଳ ବ୍ୟକ୍ତିତ୍ୱଙ୍କୁ। ତାଙ୍କ ନାଁ ଶିଶିର ଗୌଡ। ୧୯୮୯ ମସିହାରେ ସୁରତ ଚାଲି ଯାଇଥିଲେ। ସୂତାକଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ହେଲେ ସୀମିତ ରୋଜଗାରରେ ଚଳିବା ଅସମ୍ଭବ ଥିଲା। ତେଣୁ ସେଠାରୁ ପୁଣି ମୁମ୍ବାଇ ଚାଲି ଯାଇଥିଲେ। ହେଲେ କରୋନା ମହାମାରି ସମସ୍ତ ଶ୍ରମିକଙ୍କ ଭଳି ତାଙ୍କ ଚାକିରି ବି ଛଡ଼ାଇ ନେଲା।

ତେଣୁ ସେ ଗାଁକୁ ଚାଲି ଆସିଥିଲେ। ହେଲେ ବଞ୍ଚିବା ନିମନ୍ତେ କିଛି ଗୋଟାଏ କାମ କରିବାକୁ ଚିନ୍ତା କରୁଥିବା ବେଳେ ସମ୍ପର୍କୀୟ ଭ୍ରାଇଁ ଓ ତାଙ୍କ ବଡ଼ ଭାଇଙ୍କ ସହଯୋଗ ମିଳିଲା। ସୂତା ତିଆରି, କପଡା ଓ ଡ୍ରେସ୍ ପ୍ରସ୍ତୁତି ଜାଣିଥିବାରୁ ଏହାର ବିନିଯୋଗ ନିମନ୍ତେ ଯୋଜନା ପ୍ରସ୍ତୁତ କରିଥିଲେ। ସମସ୍ତଙ୍କ ନିଷ୍ପତ୍ତି କ୍ରମେ କମ୍ପାନୀ ନାମ ପଞ୍ଜୀକରଣ କରିବା ସହ ବ୍ୟାଙ୍କ ଋଣ ନେଇ ମେସିନ୍ ପକାଇଥିଲେ। ଏବେ ତାଙ୍କ ପାଖରେ ବହୁତ ଅର୍ଡର। ସୁଦୂର ବମ୍ବେ ଓ କାନପୁରର ବ୍ୟବସାୟୀମାନଙ୍କୁ କପଡ଼ା ଓ ଡ୍ରେସ୍ ପଠାଇବା ଆରମ୍ଭ ହୋଇସାରିଲାନି। କମ୍ପାନୀର ବାର୍ଷିକ ଆୟବେୟ ଦେଢ଼ କୋଟିରେ ପହଞ୍ଚି ଗଲାଣି।

ଶିଶିର କହିଛନ୍ତି, କରୋନା କାଳରେ ଯେତେବେଳେ କିଛି ଦେଖାଯାଉ ନ ଥିଲା। ସେତେବେଳେ ତାଙ୍କୁ ସୂତାକଳ ପ୍ରତିଷ୍ଠା କରିବାକୁ ଏକ ରାସ୍ତା ଦେଖାଯାଇଥିଲା। ୨୦୨୦ ମାର୍ଚ୍ଚରେ ଘରକୁ ଫେରିବା ପରେ ପ୍ରାୟ ୨ ବର୍ଷ ସଂଘର୍ଷ କରି କମ୍ପାନୀକୁ ଏକ ଭଲ ସ୍ଥିତିରେ ପହଞ୍ଚାଇ ପାରିଛନ୍ତି। ଅନେକ କମ୍ପାନୀ ଚାଲିବନି ବୋଲି କହିଥିଲେ। ଅନେକ ଚାଲିବ ବୋଲି କହି ଉତ୍ସାହିତ ମଧ୍ୟ କରିଥିଲେ। ଖୁବ୍ ଜଟିଳ ପରିସ୍ଥିତି ଦେଇ କାମ କରିବାକୁ ପଡ଼ିଛି। ଗୁଜୁରାଟ, ସୁରତ, ଚେନ୍ନାଇ, ବେଙ୍ଗାଲୁରୁ ଯାଇ କାମ କରୁଥିବା ଯୁବକମାନେ ଏଠାରେ କାମ ପାଇଛନ୍ତି। ଏବେ ପ୍ରାୟ ୧୬ ଜଣ କାମ କରୁଛନ୍ତି।

ଯଦି ଯୋଜନା ମୁତାବକ ସାହାଯ୍ୟ ସହଯୋଗ ମିଳେ ତେବେ ଅଧିକ ମେସିନ୍ ବସିବ ଓ ୫୦ରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ମିଳିବ। ବାହାର ରାଜ୍ୟରୁ ମଧ୍ୟ ଲୋକମାନେ କାମ ନିମନ୍ତେ ଯୋଗାଯୋଗ କରୁଛନ୍ତି। ତେବେ କମ୍ପାନୀ ପ୍ରତିଷ୍ଠାରେ ସରକାର କୌଣସି ସହଯୋଗ ଦେଇନାହାନ୍ତି। ଗୁଜୁରାଟରେ ସରକାର ସୂତାକଳ ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ଉପକରଣରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ସବ୍‌ସିଡି ଦେଉଥିବା ବେଳେ ଓଡ଼ିଶାରେ ଶୂନ। ଓଡ଼ିଶା ସରକାର ଯଦି ୩୦ ପ୍ରତିଶତ ବି ସବ୍‌ସିଡି ଦିଅନ୍ତେ ତେବେ ଏଠାରେ ଏଭଳି କମ୍ପାନୀର ବୃଦ୍ଧି ହୋଇପାରନ୍ତା। ଏହା ସହ ସିଙ୍ଗଲ ଡ୍ୱିଣ୍ଡୋ ସୁବିଧା କରାଗଲେ କମ୍ପାନୀ ପ୍ରତିଷ୍ଠା ବୃଦ୍ଧି ପାଇବା ସହ ନିଯୁକ୍ତି ବଢ଼ିପାରନ୍ତା। ସେ ସୁରତ, ମୁମ୍ବାଇ, ଚେନ୍ନାଇରୁ ଏବେ ସୂତା ଆଣି ଏଠାରେ ବିଭିନ୍ନ ପ୍ରକାର କପଡା ପ୍ରସ୍ତୁତ କରୁଛନ୍ତି।

୨୪ ଲକ୍ଷ ଟଙ୍କାର ଚାକିରି ଛାଡ଼ି ଗାଁରେ ଚାଷ କରୁଛନ୍ତି ଯୁବ ଇଞ୍ଜିନିୟର

ରାୟଗଡ଼ା: ଉଚ୍ଚ ଶିକ୍ଷିତ ଯୁବକ ସତ୍ୟ ପ୍ରବୀଣ। ମାଲେସିଆରେ ଚାକିରି କରୁଥିଲେ। ଭଲ ଦରମା ପାଉଥିଲେ। ହେଲେ ଚାକିରିରେ ଲାଗୁନଥିଲା ତାଙ୍କ ମନ। କୁଳ ବେଉସା ଚାଷକୁ ଫେରିବା ପାଇଁ ମନ ବଳାଇଲେ। ମାସିକ ୨ ଲକ୍ଷ ଟଙ୍କାର ଦରମା ଛାଡ଼ି ଗାଁକୁ ଫେରିଲେ ସତ୍ୟ। ଏବେ ଜୈବିକ ପ୍ରଣାଳୀରେ ଗାଁରେ ଫଳାଉଛନ୍ତି ସୁନାର ଫସଲ। ନିଜେ ସ୍ୱାବଲମ୍ବୀ ହେବା ସହିତ ୬୦ରୁ ଶ୍ରମିକଙ୍କ ମୁହଁରେ ଦାନା ଯୋଗାଉଛନ୍ତି ସତ୍ୟ। ଭେଜାଲ୍ ଦୁନିଆରେ ଏପରି ଏକ ଭଲ ଖବର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ। ୩୦ ବର୍ଷ ତଳେ ସତ୍ୟ ପ୍ରବୀଣଙ୍କ ବାପା ଆନ୍ଧ୍ରପ୍ରଦେଶରୁ ଓଡ଼ିଶାର ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଝିଞ୍ଜିଲିବାଡ଼ି ଗାଁକୁ ପଳାଇ ଆସିଥିଲେ। ସେଠାରେ ସେ ପନିପରିବା ଚାଷ କରି ପରିବାର ଭରଣପୋଷଣ କରୁଥିଲେ। ସତ୍ୟ ରାୟଗଡ଼ାରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ଭଲ ପଢୁଥିବାରୁ ମାଟ୍ରିକ୍ ପାସ୍ କରିବା ପରେ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ପଢ଼ିଥିଲେ। ଭଲ ମାର୍କରେ ପାସ୍ ମଧ୍ୟ କରିଥିଲେ। ତା'ପରେ ଭଲ ଦରମାରେ ମାଲେସିଆରେ ନିଯୁକ୍ତି ପାଇଥିଲେ। ସେଠାରେ ସଫ୍ଟୱେୟାର୍ ଇଞ୍ଜିନିୟର ଭାବେ କାମ କରୁଥିଲେ।

ମାସକୁ ଦୁଇ ଲକ୍ଷ ଟଙ୍କା ଦରମା ପାଉଥିଲେ ସତ୍ୟ। ଭଲ ଦରମା ପାଉଥିଲେ ମଧ୍ୟ କାମରେ ମନ ଲାଗୁନଥିଲା। ଘର କଥା ଅନବରତ ମନେ ପଡୁଥିଲା। ୧୧ ବର୍ଷ ଚାକିରି କରିବା ପରେ ଘରକୁ ଫେରିବା ପାଇଁ ମନସ୍ଥ କଲେ ସତ୍ୟ। ପରିବାର ଲୋକଙ୍କ ସହମତି ନେଇ ଗାଁକୁ ଫେରିଲେ। ପରିବାରର କୁଳ ବେଉସା ଚାଷକୁ ଆପଣାଇ ନେଲେ।

ସତ୍ୟଙ୍କର ଝିଞ୍ଜିଲିବାଡି ଗାଁରେ ଅଛି ୩୪ ହେକ୍ଟର ଜମି। ସେଠାରେ ନୂଆ ପ୍ରଣାଳୀରେ ପନିପରିବା ଚାଷ ଆରମ୍ଭ କଲେ। ସମ୍ପୂର୍ଣ୍ଣ ଜୈବିକ ପ୍ରଣାଳୀରେ ଚାଷ କରୁଛନ୍ତି ସତ୍ୟ। ସେ ଟମାଟୋ, ବାଇଗଣ, କାକୁଡ଼ି, ଫୁଲ କୋବି, ବନ୍ଧା କୋବି ପରି ଅନ୍ୟାନ୍ୟ ଋତୁ କାଳୀନ ପନିପରିବା ଚାଷ କରୁଛନ୍ତି। ସତ୍ୟ ଚାଷ ଜମିରେ ନିଜେ କାମ କରିବା ସହିତ ୬୦ ଜଣ ଶ୍ରମିକଙ୍କୁ କାମରେ ଲଗାଇଛନ୍ତି। ତାଙ୍କ ଯୋଗୁ ୬୦ ଜଣ ରୋଜଗାରର ବାଟ ପାଇଛନ୍ତି। ଇଞ୍ଜିନିୟରରୁ ସଫଳ ଚାଷୀ ବନିଥିବା ସତ୍ୟ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି। କିଛି ଦିନ ତଳେ ସତ୍ୟଙ୍କ ଚାଷ ପରିଦର୍ଶନ କରିଥିଲେ ରାୟଗଡ଼ା ଜିଲ୍ଲାପାଳ ସ୍ୱାଧାଦେବ ସିଂହ। ସେ ସତ୍ୟଙ୍କୁ ଉଚ୍ଚ ପ୍ରଶଂସା ମଧ୍ୟ କରିଥିଲେ।

ମହିଳାମାନଙ୍କୁ ରୋଜଗାର ଦେଲା ନଡ଼ିଆ ତେଲ

ଜଳେଶ୍ୱର: ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ନଡ଼ିଆ ତେଲ। ଦେଶୀ ବା ପାରମ୍ପରିକ ଉପାୟରେ ନଡ଼ିଆ ତେଲ ପ୍ରସ୍ତୁତ କରି ବିକ୍ରିବଟା କରି ସେମାନେ ହୋଇଛନ୍ତି ରୋଜଗାରକ୍ଷମ। ଫଳରେ ସେମାନଙ୍କ ମୁହଁରେ ଫୁଟିଛି ହସ। ଏହି ସଫଳତାର କାହାଣୀ ହେଉଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ନଷ୍କରପୁର ଗ୍ରାମର ଶିବଶଙ୍କର ଉତ୍ପାଦକ ଗୋଷ୍ଠୀର ସଦସ୍ୟାଙ୍କର।

୨୦୨୧ ଏପ୍ରିଲରେ ୩୦ ଜଣ ମହିଳାଙ୍କୁ ନେଇ ଏହି ସ୍ୱୟଂସହାୟକ ଗୋଷ୍ଠୀ ଆରମ୍ଭ ହୋଇଥିଲା। ଏବେ ସଦସ୍ୟ ସଂଖ୍ୟା ବଢ଼ିଛି। ୩୫ ଜଣ ମହିଳା ଏକାଠି ହୋଇ ପାରମ୍ପରିକ ଉପାୟରେ ନଡ଼ିଆ ତେଲ ପ୍ରସ୍ତୁତ କରିବା କାମ ହାତକୁ ନେଇଛନ୍ତି। ଭୋଗରାଇ ଅଞ୍ଚଳରେ ପ୍ରଚୁର ପରିମାଣରେ ନଡ଼ିଆ ଉତ୍ପାଦନ ହେଉଥିବାରୁ ଏହି ମହିଳାମାନେ ସେଠାରୁ ଭଲ ନଡ଼ିଆ ସଂଗ୍ରହ କରି ପାରମ୍ପରିକ ପଦ୍ଧତିରେ ତେଲ ପ୍ରସ୍ତୁତ କରିବାକୁ ଆଗଭର ହୋଇଥିଲେ। ଏବେ ସେମାନେ ଗାଁ ଆଖପାଖରୁ ବି ନଡ଼ିଆ ସଂଗ୍ରହ କରୁଛନ୍ତି। ଦୈନିକ ସେମାନେ ୫୦ଟି ନଡ଼ିଆରୁ ପାରମ୍ପରିକ ଢଙ୍ଗରେ ତେଲ ପ୍ରସ୍ତୁତ କରୁଛନ୍ତି। ୫୦ଟି ନଡ଼ିଆରୁ ପ୍ରାୟ ଅଢ଼େଇ ଲିଟର ତେଲ ବାହାରୁଛି। ଲିଟର ପିଛା ଏହାକୁ ୪୫୦ ଟଙ୍କାରୁ ୫୦୦ ଟଙ୍କା ଭିତରେ ବିକ୍ରି କରାଯାଉଛି। ନଡ଼ିଆର ଦାମ୍ ଲାଭ ଓ କ୍ଷତି ନିର୍ଣ୍ଣୟ କରିଥାଏ।

ଏହି ସ୍ୱୟଂସହାୟକ ଗୋଷ୍ଠୀର ସଭାପତି ଅନିତା ରାଣୀ ପାଳ କହିଛନ୍ତି, ଏବେ ନଡ଼ିଆ ଦାମ୍ ଅଧିକ ଥିବାରୁ ବିଶେଷ ଲାଭ ମିଳୁନି। ଏହାଛଡ଼ା ସଦସ୍ୟାଙ୍କ ପାଖରେ ଥିବା ସୀମିତ ସମ୍ବଳକୁ ବ୍ୟବହାର କରି ସୀମିତ ସଂଖ୍ୟକ ନଡ଼ିଆ କିଣାଯାଇପାରୁଛି। ଏବେ ସ୍ଥାନୀୟ ଅଞ୍ଚଳରେ ଭଲମାନର ନଡ଼ିଆର ଦାମ୍ ଗୋଟାକୁ ୨୦ ଟଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖିଲେ ନଡ଼ିଆ ତେଲ ଦର ଲିଟର ପିଛା ୬୦୦ ଟଙ୍କାରେ ବିକ୍ରି କଲେ ହିଁ ଲାଭ ମିଳିପାରିବ।

ସମ୍ପାଦିକା ସୋମା ଗିରି କହିଛନ୍ତି, ନଡ଼ିଆ ମିଳିବା ପରେ ଗୋଷ୍ଠୀ ପକ୍ଷରୁ କରାଯାଇଥିବା ଶିବିରରେ କିଏ ନଡ଼ିଆ କତା ଛଡ଼ାଇବାରେ ଲାଗିପଡ଼େ ତ କିଏ ନଡ଼ିଆ କୋରିବାରେ ଲାଗିପଡ଼େ। କାଠ ଚୁଲିରେ କରେଇ ବସାଇ ପାରମ୍ପରିକ ପଦ୍ଧତିରେ ତେଲ ପ୍ରସ୍ତୁତ କରିବାକୁ ସମସ୍ତେ ଦାୟିତ୍ୱ ଭାଗ କରି ଲାଗି ପଡ଼ନ୍ତି। ଏହି ତେଲ ପ୍ରସ୍ତୁତି ବେଳେ କୌଣସି କେମିକାଲ ମିଶା ଯାଏନି। ଦେଶୀ ନଡ଼ିଆ ତେଲ ଖାଇବା ଓ ଲଗାଇବାରେ ବ୍ୟବହାର କରାଯାଇପାରିବ। ଏହା ସ୍ୱାସ୍ଥ୍ୟ ବର୍ଦ୍ଧକ ଓ ସୁଗନ୍ଧରେ ଭରପୂର। ଏହି ତେଲ ବ୍ୟବହାର କଲେ କେଶ ଝଡ଼ିବା ବନ୍ଦ ହୁଏ। ବର୍ଷାଧିକ ସମୟ ରହିଲେ ମଧ୍ୟ ଏହାର ଗୁଣବତ୍ତାରେ କୌଣସି ପ୍ରଭାବ ପଡ଼େନି।

ଶିବଶଙ୍କର ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ ସେମାନଙ୍କର ଏହି ନଡ଼ିଆ ତେଲ ବ୍ୟବସାୟକୁ ବଢ଼ାଇବାକୁ ଚାହୁଁଛନ୍ତି। କିନ୍ତୁ ଏଥି ନିମନ୍ତେ ସେମାନଙ୍କ ପାଖରେ ଆବଶ୍ୟକ ସମ୍ବଳ ନାହିଁ। ପ୍ରଥମ କଥା ହେଉଛି ଏହି ଗୋଷ୍ଠୀ ପାଖରେ ଏକ ସ୍ଥାୟୀ ଘର ନାହିଁ। ତେଣୁ ବର୍ଷା ଦିନେ ତେଲ ପ୍ରସ୍ତୁତ କରିବାରେ ସେମାନଙ୍କୁ ସମସ୍ୟା ହେଉଛି। ସେହିପରି ଅନ୍ୟ ଏକ ପ୍ରମୁଖ ସମସ୍ୟା ହେଉଛି ବିକ୍ରିବଟା। ସେମାନେ ବାହାରକୁ ତେଲ ବିକ୍ରି ପାଇଁ ପଠାଇବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସେମାନେ ଗାଁରେ ଲୋକଙ୍କୁ ନଡ଼ିଆ ତେଲ ବିକ୍ରି କରିବା ସହିତ ଆଖପାଖରେ ଅନୁଷ୍ଠିତ ହେଉଥିବା ମେଳା ମହୋତ୍ସବ ଆଦିରେ ଯାଇ ବିକ୍ରି କରନ୍ତି।

ଏହି ଗୋଷ୍ଠୀର ସଦସ୍ୟାମାନେ କହିଛନ୍ତି ଯେ ସରକାରୀ ସ୍ତରରେ ସେମାନଙ୍କୁ ଉପଯୁକ୍ତ ତାଲିମ ଦିଆଯିବା ସହିତ ଆର୍ଥିକ ସହାୟତା ଓ ତେଲ ବିକ୍ରି ନିମନ୍ତେ ବଜାର ସୁବିଧା ଯୋଗାଇ ଦିଆଗଲେ ସେମାନେ ଆହୁରି ଆଗକୁ ଯାଇପାରନ୍ତେ।

କଥାରେ ଅଛି ଦୃଢ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ ହୋଇଥାଏ। ଏହି ଇଚ୍ଛା ଶକ୍ତିକୁ ପାଥେୟକରି ଶିବଶଙ୍କର ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ ଆଗକୁ ବଢୁଛନ୍ତି ଓ ଅନ୍ୟମାନଙ୍କ ନିମନ୍ତେ ପ୍ରେରଣା ସାଜିଛନ୍ତି। ନଡ଼ିଆ ତେଲ ପ୍ରସ୍ତୁତି ନିମନ୍ତେ ସରକାରୀ ବା ବେସରକାରୀ ସ୍ତରରେ କୌଣସି ତାଲିମ ନ ନେଇ ସୁଦ୍ଧା ନିଜସ୍ୱ ଉଦ୍ୟମରେ ଏହି ମହିଳାମାନେ ଏପରି ଏକ ବ୍ୟବସାୟ ଚଳାଇଥିବାରୁ ସେମାନଙ୍କୁ ବେଶ୍ ପ୍ରଶଂସା କରାଯାଉଛି।

ପୋଖରୀ ସଫା କରି ଚର୍ଚ୍ଚାରେ ବାୟୁସେନା ଅଧିକାରୀ

ପାତ୍ରପୁର: ଆକାଶରେ ଦେଶର ସୁରକ୍ଷା ପାଇଁ କାମ କରି ପ୍ରଶଂସା ପାଇଥିବା ଜଣେ ବାୟୁ ସେନା ଅଧିକାରୀ ହଜାରେ ବର୍ଷର ତଳର ପୁରୁଣା ପୋଖରୀ ସଫା କରିବା ପାତ୍ରପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜୟ ଯବାନ ଜୟ କିସାନକୁ ସାବ୍ୟସ୍ତ କରିବା ପାଇଁ ସେନାରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ ପରେ ଏବେ ଜନ୍ମ ମାଟିରେ ପାତ୍ରପୁର ଗ୍ରାମରେ ଥିବା ପୋଖରୀ ସଫା କରୁଥିବା ଦେଖିବାକୁ ମିଳିଛି। ପାତ୍ରପୁର ଗ୍ରାମର ଅନତି ଦୂରରେ ଦଶ ଏକର ପରିମିତ ବଡ ପୋଖରୀ କାଶୀ ବିଶୋନାଥ ମନ୍ଦିର (ଦେଉଳିଆ) ଠାରେ ରହିଛି। ଏହି ମନ୍ଦିରଟି ଚିକିଟିର ତତକାଳୀନ ଜମିଦାର ରାଜ ବିଶ୍ୱେଶ୍ୱର ରାୟ (ରାଜା) ୧୧୨୦ ସାଲରେ ନିର୍ମାଣ କରିଥିଲେ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହି ବଡ ପୋଖରୀଟି ପଦ୍ମ ଫୁଲ ଗଛ ମାଡି ବସିଥିଲା। ଯାହାକୁ ଦେଖି ସେନା ଅଧିକାରୀ ଜଣଜ ପୋଖରୀ ସଫା କରିବାପାଇଁ ଅଣ୍ଟା ଭିଡିଛନ୍ତି। ଏହି ଅବସର ପ୍ରାପ୍ତ ବାୟୁସେନା ଅଧିକାରୀ ଜଣକ ହେଉଛନ୍ତି ଚିକିଟି ବ୍ଲକ ମଇସାନପୁର ଗ୍ରାମର ହୃଦୟାନନ୍ଦ ପଣ୍ଡା ବୋଲି ଜଣା ପଡ଼ିଛି।

ପାତ୍ରପୁର ଗ୍ରାମର ଏହି ବଡ ପୋଖରୀଟି କାଶୀବିଶ୍ୱନାଥ (ଦେଉଳିଆ) ଶିବ ମନ୍ଦିର ନିକଟରେ ରହିଛି। ବର୍ଷ ତମାମ ଅଞ୍ଚଳର ଯାତ୍ରୀଙ୍କ ଭିଡ଼ ଏହି ମନ୍ଦିରରେ ପରିଲିଖିତ ହୋଇଥାଏ। ବିଭିନ୍ନ ରାଜନୈତିକ ଦଳ ଠାରୁ ଆରମ୍ଭକରି ସଙ୍ଗଠନ ସାଧାରଣ ଭକ୍ତ ଏହି ପୀଠକୁ ଆସି ସଭାସମିତି କରୁଥିବା ବେଳେ ଏହି ପୋଖରୀ ପାଣି ବ୍ୟବହାର କରୁଥିଲେ। ଏପରିକି ଜଙ୍ଗଲ ଜନ୍ତୁ ମଧ୍ୟରାତ୍ରୀ ସମୟରେ ପାଣି ପାଇଁ ପୋଖରୀକୁ ଆସୁଛନ୍ତି। ବର୍ଷ ତମାମ ପୀଠର ମାହାତ୍ମ୍ୟକୁ ଦେଖି ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ପୋଖରୀ ସଫା ପାଇଁ କାହାରି ନଜର ପଡୁନଥିଲା। ଯାହାକୁ ଦେଖି ହୃଦୟାନନ୍ଦ ସଫା କରିବାପାଇଁ ମନସ୍ଥ କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ଏବେ ବଡ଼ ପ୍ଲାଷ୍ଟିକ ଡ୍ରମ ଉପରେ କାଠ ପକାଇ ଏକ ଭେଳା ନିର୍ମାଣ କରି ଆହୁଲା ମାରି ପୋଖରୀ ମଧ୍ୟରେ ମାଡି ରହିଥିବା ପଦ୍ମ ଗଛ କାଟିବା ଜାରି କରିଛନ୍ତି। ତିନି ମାସ ହେଲା ଉଦ୍ୟମ ଜାରି ରଖିଥିବା ବେଳେ ପୋଖରୀରୁ ବହୁ ଅଂଶ ସଫା କରିଛନ୍ତି। ସଫା କାର୍ଯ୍ୟ ଜାରି ରଖିଥିବା ବେଳେ ଏବେ ମାଛ ଯାଆଁଳା ଛାଡିଛନ୍ତି। ମାଛ ଚାଷରୁ ଆଦାୟ ଅର୍ଥରେ ଲୋକଙ୍କ ସ୍ନାନ ସୁବିଧା ପାଇଁ ତୁଠ ନିର୍ମାଣ ସହିତ ମନ୍ଦିର ଉନ୍ନତି ଲକ୍ଷ ରଖିଛନ୍ତି। ସେ ବାୟୁସେନାରେ ୧୯୯୨ ସାଲରେ ଯୋଗ ଦେଇ ୨୬ ବର୍ଷ କାର୍ଯ୍ୟ ସମ୍ପାଦନ କରି ୱାରେଣ୍ଟ ଅଫିସର ଭାବେ ଅବସର ନେଇଥିଲେ। ୨୬ ବର୍ଷ ବାୟୁ ସେନାର କାର୍ଯ୍ୟ କାଳ ମଧ୍ୟରେ କେଦାର ନାଥ ଭୁସ୍ଖଳନ ବେଳେ ପାଇଲେଟଙ୍କ ସହ ପ୍ରଥମେ ହେଲିକପ୍ଟର ଯୋଗେ ପହଂଚିବା, ୟୁନାଇଟେଡ଼ ନେସନର ଶାନ୍ତି ଦୂତ ଭାବେ ୨୦୦୯ ଜୁନ ମାସରେ ହେଲିକପ୍ଟର ଧରି କଙ୍ଗୋ ଯାଇ ତେର ମାସ କାର୍ଯ୍ୟ ସମ୍ପାଦନ କରିବା ନିଆରା ଅନୁଭୂତି ଥିବା ପ୍ରକାଶ କରିଛନ୍ତି। ଚାକିରୀ ସମୟରେ ୩୩୫୦ଘଣ୍ଟା ହେଲିକପ୍ଟର ଚଳାଇ ଥିବା ବେଳେ ଏକ୍ସଟ୍ର। ସୁପର ଭାଇଜର ଭାବେ ସେନାର ପିଲାଙ୍କୁ ତାଲିମ ପ୍ରଦାନ କରିଛନ୍ତି। ସିୟାଚୀନର ସୀମାରେ କିଛି ମାସ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟ କାଳ ମଧ୍ୟରେ ବାୟୁସେନା ମୁଖ୍ୟଙ୍କ ଠାରୁ ପ୍ରଶଂସା ପତ୍ର ସହ ସମ୍ମାନ ମଧ୍ୟ ମିଳିଛି।

ପୁଣି ଭାରରେ ବୁହା ହେଲେ ଗର୍ଭବତୀ

ଭବାନୀପାଟଣା : ପୁଣି ଭାରରେ ବୁହା ହେଲେ ଗର୍ଭବତୀ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି । ରାସ୍ତା ଅଭାବ ଯୋଗୁଁ ଗାଁକୁ ଯାଇ ପାରିଲାନି ଆମ୍ବୁଲାନ୍ସ ଆଉ ସେଥି ପାଇଁ ଖଟିଆ ପାଲଟିଲା ଆମ୍ବୁଲାନ୍ସ ।ଖଲଖମା ରାସ୍ତା ଦେଇ ଖଟିଆରେ ଗର୍ଭବତୀଙ୍କୁ ନେଇ ସମ୍ପର୍କୀୟ ଯାଇଥିଲେ ବ୍ଲକ ମୁଖ୍ୟାଳୟ ଠାରୁ ୨୫ କିଲୋମିଟର ଦୂରରେ ଥିବା ଖମନପଡା ଗାଁ।

ସୂଚନାନୁଯାୟୀ, ସେହି ଗାଁର ଦ୍ରୌପଦୀ ଗୌଡ଼ଙ୍କୁ ପ୍ରସବ ଯନ୍ତ୍ରଣା ହେବା ପରେ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଆଉ ଖବର ପାଇ ଆମ୍ବୁଲାନ୍ସ ମଧ୍ୟ ଆସିଥିଲା । କିନ୍ତୁ ଗାଁକୁ ରାସ୍ତା ଓ ନଦୀରେ ପୋଲ ନଥିବା କାରଣରୁ ଯାଇ ପାରିନଥିଲା ଆମ୍ବୁଲାନ୍ସ। ପରେ ପରିବାର ଓ ଗ୍ରାମବାସୀ ମିଶି ତାଙ୍କୁ ଖଟିଆରେ ବୋହି ଇନ୍ଦ୍ରାବତୀ ନଦୀ ପାରି କରାଇ ଗାଁରୁ ୫ କିଲୋମିଟର ଡେରଲାଗାଁ ପର୍ଯ୍ୟନ୍ତ ବୋହି ଆଣିବା ପରେ ଆମ୍ବୁଲାନ୍ସରେ ଦ୍ରୌପଦୀଙ୍କୁ ନେଇ ଥୁଆମୂଳ ରାମପୁର ଡାକ୍ତର ଖାନାରେ ଭର୍ତ୍ତି କରିଥିବା ବେଳେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡିଛି। ଖମାନପଡା ଗାଁକୁ ସବୁଦିନିଆ ରାସ୍ତା ନଥିବାରୁ ଅନେକ ସମୟରେ ଏଭଳି ଚିତ୍ର ସାମ୍ନାକୁ ଆସୁଛି। ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲାପରେ ମଧ୍ୟ କୌଣସି ସୁଫଳ ନ ମିଳିବା ଅଭିଯୋଗ କରିବା ସହ ଗ୍ରାମବାସୀ ନଦୀରେ ଏକ କାଠ ପୋଲ ନିର୍ମାଣ କରିଛନ୍ତି ।

ବଣଭୋଜି ପାଇଁ କେନ୍ଦୁଝରକୁ ପର୍ଯ୍ୟଟକଙ୍କ ସୁଅ

କେନ୍ଦୁଝରଗଡ଼ : ନୂଆବର୍ଷରେ ପ୍ରଭୁକୃପା ଲାଭ କଲେ ବର୍ଷତମାମ୍ ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ ହୋଇଥାଏ। ଏହି ବିଶ୍ୱାସ ରଖି କେନ୍ଦୁଝର ଜିଲାର ଘଟଗାଁସ୍ଥିତ ପ୍ରତ୍ୟକ୍ଷ ଆରାଧ୍ୟ ଦେବୀ ମା'ତାରିଣୀ ଏବଂ ଜିଲାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ସାନିଧ୍ୟ ଲାଭ ଉଦ୍ଦେଶ୍ୟରେ ଇଂରାଜୀ ନବବର୍ଷ ଦିନ ପ୍ରତିବର୍ଷ ଘଟଗାଁ ଓ କେନ୍ଦୁଝରର ପୁରୁଣାବଜାରକୁ ଜିଲା ତଥା ରାଜ୍ୟ ବାହାରର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । କେବଳ ସେତିକି ନୁହେଁ, ପ୍ରଭୁଙ୍କ ସାନିଧ ଲାଭ ସାଙ୍ଗକୁ ନୂଆବର୍ଷ ପାଳନ ଅବସରରେ ବଣପାହାଡ ଘେରା କେନ୍ଦୁଝର ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସୁଦୃଶ୍ୟ ଜଳପ୍ରପାତ ଏବଂ ପାହାଡ଼ିଆ ଶୀତକୁ ଉପଭୋଗ ପାଇଁ ବଣଭୋଜି ନିମନ୍ତେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବଡଦିନ ଠାରୁ ନବବର୍ଷ ପର୍ଯ୍ୟନ୍ତ କେନ୍ଦୁଝର ଜିଲାକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଛି।

ବିଶେଷକରି ଜିଲା ମୁଖ୍ୟାଳୟଠାରୁ ମାତ୍ର ୫ କି.ମି. ଦୂରରେ ୪୯ନଂ ଜାତୀୟ ରାଜପଥ ପାଶ୍ୱର୍ରେ ଅବସ୍ଥିତ ୩୧ ମିଟର ଉଚ୍ଚତା ବିଶିଷ୍ଟ ରାଜ୍ୟପ୍ରସିଦ୍ଧ ପର୍ଯ୍ୟଟନସ୍ଥଳି ସାନଘାଗରା ଜଳପ୍ରପାତକୁ ନୂଆବର୍ଷ ବଣଭୋଜି ଉପଲକ୍ଷେ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ଭିଡ ଲାଗିଛି। ଏଠାକାର ଶିଶୁ ଉଦ୍ୟାନ, ଗୋଲାପ ବଗିଚା, ବୋଟିଂ ତଥା ଚର୍ତୁଃପାର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ବଣଭୋଜିର ମଜା ନେବାକୁ ପର୍ଯ୍ୟଟକ ନୂଆବର୍ଷ ପୂର୍ବ ରାତିରୁ କେନ୍ଦୁଝର ସହରରେ ବିଭିନ୍ନ ହୋଟେଲମାନଙ୍କରେ ଭିଡ ଜମାଇ ସାରିଲେଣି। କେବଳ ସାନଘାଗରା ନୁହେଁ ଜିଲାର ବିଭିନ୍ନ ଦର୍ଶନୀୟ ପର୍ଯ୍ୟଟନସ୍ଥଳୀ ମାନଙ୍କରେ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥିବା ବେଳେ ଏହାକୁ ଆଖିଆଗରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସାନଘାଗରା ସମେତ ବଡ଼ଘାଗରା, ଖଣ୍ଡାଧାର, ଗୁଣ୍ଡିଚାଘାଗୀ, ହାଣ୍ଡିଭଙ୍ଗା ପରି ରାଜ୍ୟର ପ୍ରସିଦ୍ଧ ପ୍ରାକୃତିକ ଜଳପ୍ରପାତ, କେନ୍ଦୁଝର ପୁରୁଣା ବଜାରସ୍ଥିତ ବଳଦେବଜୀଉ ମନ୍ଦିର, ରାଜବାଟୀ, ସିଦ୍ଧମଠ, ମୁର୍ଗାମହାଦେବ ଓ ଗୋନାସିକା ଭଳି ପ୍ରସିଦ୍ଧ ଦେବଦେବୀ ପୀଠ ଏବଂ ସୀତାବିଞ୍ଜି, ସରେଇ, ରାଜନଗର, ପୋଡ଼ାସିଙ୍ଗିଡ଼ି ଭଳି ଐତିହାସିକ ଓ ପୌରାଣିକ ସ୍ଥଳୀ, ହଦଗଡ, ଜଗଦଳା ଓ କାଣିଝରୀ ପରି ରମଣୀୟ ଡ୍ୟାମ ସାଙ୍ଗକୁ କାଞ୍ଚିପାଣି ଘାଟିର ମନଲୋଭା ପ୍ରାକୃତିକ ଦୃଶ୍ୟ, ଚିକିଣିଆସ୍ଥିତ ଜିଲା ପାର୍କ, ବାରହାଟିପୁରା, ଅସନପାଟ, ଆନନ୍ଦପୁରର ଚକ୍ରତୀର୍ଥ ଓ ଗଡ଼ଚଣ୍ଡୀ ପରି ଜିଲାର ପ୍ରମୁଖ ଦର୍ଶନୀୟ ସ୍ଥାନମାନଙ୍କରେ ନୂଆବର୍ଷ ପାଳନ ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଲୁହ କହୁଛି, ନିର୍ଯାତନାର କାହାଣୀ

ଭଞ୍ଜନଗର: ଛାତି ଭିତରେ ଜଳୁଥିବା କୋହକୁ ସମ୍ଭାଳି ପାରୁନାହାନ୍ତି ୮୦ ବର୍ଷୀୟ ବୃଦ୍ଧ ମୁରଲୀ ବେହେରା। ଯାହାକୁ ଦେଖୁଛନ୍ତି, ବୁକୁ ଫଟାଇ କାନ୍ଦି ପକାଉଛନ୍ତି। ଆଉ ତାଙ୍କ ଦୁଇ ଆଖିରୁ ବୋହି ଯାଉଛି ଲୁହର ଧାର। ଏ ଲୁହ ବର୍ଣ୍ଣନା କରୁଛି, ଝିଅ ଓ ଜ୍ୱାଇଁଙ୍କ ନିର୍ଯାତନା କେତେ ଯନ୍ତ୍ରଣାଦାୟକ ଥିଲା ? ସବୁ ସମ୍ପତ୍ତି ହାତେଇବା ପରେ ଝିଅ ଓ ଜ୍ୱାଇଁ ବୃଦ୍ଧଙ୍କୁ ମାଡ଼ ମାରି ଘରୁ ତଡି ଦେଇଥିବା ଅଭିଯୋଗ ହୋଇଛି।

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ଝାଲିଆଗୋଛା ଗାଁର ବାସିନ୍ଦା ହେଉଛନ୍ତି ମୁରଲୀ ବେହେରା। ପତ୍ନୀ, ତିନି ଝିଅ ଓ ଏକମାତ୍ର ପୁଅକୁ ନେଇ ଥିଲା ତାଙ୍କ ପରିବାର। ଦୋକାନଟିଏ କରିଥିଲେ। ତା'ସହିତ ଚାଷବାସ କରୁଥିଲେ। ସେଥିରୁ ଯାହା ଆୟ ହେଉଥିଲା ସେଥିରେ ପରିବାର ଚଳାଉଥିଲେ। ତେବେ ପୁଅ ବାଲ୍ୟ ବେହେରାକୁ ଯେତେବେଳେ ୨୦ ବର୍ଷ ହୋଇଥିଲା, ସେ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରିଲେ ନାହିଁ। ବାପା-ମାଆଙ୍କ କଥା ବୁଝିଲେ ନାହିଁ। ନାଗାଲାଣ୍ଡରେ ଘର ସଂସାର କରି ରହିଗଲେ।

ପୁଅକୁ ଚାହିଁଚାହିଁ ଦୁଃଖ କଷ୍ଟରେ ଚଳୁଥିବା ମୁରଲୀ ବେହେରା ଘରେ ଥିବା ବଢ଼ିଲା ଝିଅଙ୍କୁ ବାହା କରାଇଦେଲେ। ବଡ଼ ଝିଅ କୁନି ଓ ଜ୍ୱାଇଁ ଗୋପୀ ଡାକୁଆଙ୍କୁ ପାଖରେ ରଖିଲେ। ଭାବିଥିଲେ, ବାର୍ଦ୍ଧକ୍ୟରେ ବଡ଼ ଝିଅ ଓ ଜ୍ୱାଇଁ ଆଶ୍ରା ହେବେ। କୋଭିଡ୍‌ରେ ପତ୍ନୀଙ୍କ ମୃତ୍ୟୁ ପରେ ମୁରଲୀଙ୍କର ସବୁ ଆଶା ଓ ଭରସା ମାଟିରେ ମିଶିଗଲା। ତେବେ ଯାହାଙ୍କୁ ଭରସା କରିଥିଲେ, ସେମାନେ ଧୋକା ଦେଲେ।

ମୁରଲୀଙ୍କ ସମ୍ପତ୍ତି ଉପରେ ପଡ଼ିଲା ବଡ଼ ଝିଅ ଓ ଜ୍ୱାଇଁଙ୍କ ନଜର। ମୁରଲୀଙ୍କ ନାଁରେ ଥିବା ଦୋକାନ ଓ ଜମିବାଡ଼ି ସବୁ ସେମାନଙ୍କ ନାଁରେ କରିଦେବାକୁ କହିଲେ। ଝିଅ ଓ ଜ୍ୱାଇଁଙ୍କ କଥାରେ ରାଜି ହୋଇଯାଇଥିଲେ ମୁରଲୀ। ୨୦୨୦ ମସିହା ସେପ୍ଟେମ୍ବର ମାସରେ ଝିଅ ଓ ଜ୍ୱାଇଁଙ୍କ ନାଁରେ ନିଜର ସବୁ ସମ୍ପତ୍ତି କରିଦେଲେ। ଏପରିକି ପାଖରେ ଥିବା ସବୁ ଟଙ୍କା ମଧ୍ୟ ଦେଇଥିଲେ। ଏହା ପରେ ସବୁ କିଛି ଠିକ୍‌ଠାକ୍ ହୋଇଯିବ ବୋଲି ସେ ଭାବିଥିଲେ।

ଜମିବାଡ଼ି ହାତେଇବା ପରେ ଝିଅ ଓ ଜ୍ୱାଇଁଙ୍କ ସ୍ୱଭାବ ବଦଳି ଗଲା। ଆଉ ବାପାଙ୍କୁ ଭଲ ପାଇଲେ ନାହିଁ। ବାର୍ଦ୍ଧକ୍ୟର ଏ ଦାରୁଣ ବୟସରେ ତାଙ୍କୁ ଘରୁ ମାଡ଼ ମାରି ବିଦା କରିଦେଲେ। ଝିଅ ଓ ଜ୍ୱାଇଁ ମିଶି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନିଜ ଘରୁ ତଡ଼ା ଖାଇବା ପରେ ମୁରଲୀ ବେହେରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ବସି କାନ୍ଦୁଥିଲେ। ବୃଦ୍ଧଙ୍କ ଦୁଃଖ ଶୁଣିବା ପରେ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସାମାଜିକ ମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ କରି ପୁରୁଷୋତ୍ତମପୁରଠାରେ ଥିବା ବୃଦ୍ଧାଶ୍ରମରେ ଥଇଥାନ କରିବାର ବ୍ୟବସ୍ଥା କରିଛନ୍ତି। ଝିଅ ଓ ଜ୍ୱାଇଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି।

ଡ୍ରେନର ଦୁର୍ଗନ୍ଧରେ ଫାଟିପଡୁଛି ମାଝୀଗୁଡା ପଂଚାୟତର ମୁଖ୍ୟ ରାସ୍ତା

ମୈଦଲପୁର: ଯୋଜନା ପରେ ଯୋଜନା ହୋଉଛି କିନ୍ତୁ କିଛି ସରକାରୀ ଅଧିକାରୀ ଓ ନିର୍ବାଚିତ ଜନ ପ୍ରତିନିଧି ମାନେ ବିକାଶ ନାଁରେ ବିନାଶ କରୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଆଲୋଚନା ହୋଉଛି । ଏହିପରି ଗାଁ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମାଝୀଗୁଡା ସଦରମହକୁମାରେ । ମାଝୀଗୁଡା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ସାହି ମଧ୍ୟରେ ଯେଉଁ ଡ୍ରେନ୍ ଅଛି, ସେଠାରେ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ଭର୍ତ୍ତି । ପଂଚାୟତ କାର୍ଯ୍ୟଳୟରେ ଆସୁଥିବା ଚାଉଳ ଓ ବିଭିନ୍ନ ପ୍ରକାର କାମ ପାଇଁ ଆସୁଥିବା ହିତାଧିକାରୀ ଏବଂ ଯିବା ଆସିବା ସମୟରେ ବହୁତ ଦୁର୍ଗନ୍ଧରେ ପରିପୂର୍ଣ୍ଣ ସେହି ମୁଖ୍ୟ ରାସ୍ତା । ସମ୍ମୁଖରେ ଅଛି ପଞ୍ଚାୟତ କାର୍ଯ୍ୟାଳୟ । କିନ୍ତୁ ସବୁ ଜାଣି ବି ନଜାଣିଲା ଭଳି ପଞ୍ଚାୟତର ଅଧିକାରୀ ମାନେ । କାର୍ଯ୍ୟାଳୟରେ ସରପଞ୍ଚ ତଥା ଅନେକ ଅଧିକାରୀ ମାନେ ଆସି ପଞ୍ଚାୟତ ତଦାରଖ କରନ୍ତି । କିନ୍ତୁ ଏମାନଙ୍କ ନଜର ଏହି ଡ୍ରେନ ଉପରେ ନପଡିବା ଦୁଃଖର ବିଷୟ ଅଟେ । ପଞ୍ଚାୟତ ଅଧିକାରୀ ମାନେ କେବଳ ଠିକା କାର୍ଯ୍ୟ କରିବାକୁ ବ୍ୟସ୍ତ ଥିବା ବେଳେ ଲୋକଙ୍କ ହିତ ପାଇଁ କାର୍ଯ୍ୟ ନ କରିବା ଏଠାରେ ପ୍ରଶ୍ନ ଉଠୁଛି । ମାଝୀଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନେକ ପ୍ରକାର ଅବ୍ୟବସ୍ଥା ଥିବାବେଳେ କାହିଁକି ଏମାନଙ୍କ ନଜର ପଡୁନାହିଁ ବୋଲି ପ୍ରଶ୍ନ କରିଛନ୍ତି ପଂଚାୟତ ବାସୀ । ପଞ୍ଚାୟତରେ ଡ୍ରେନ ସଫା କରିବାକୁ ସରକାରଙ୍କ ବ୍ୟବସ୍ଥା ଥିବା ବେଳେ ଏହି ଗାଁରେ କିନ୍ତୁ ଫଳ ଶୂନ । ନିଜର ସ୍ୱାର୍ଥ ପାଇଁ ସରପଞ୍ଚ, ଅଧିକାରୀ ନା ଲୋକଙ୍କ ସେବାରେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

୨୮ବର୍ଷ ପରେ ବି ନାହିଁ ନିର୍ମାଣ ହୋଇପାରୁନି ରିଙ୍ଗବନ୍ଧ, ଶୀତଳ ଭଣ୍ଡାର

ହରଭଙ୍ଗା: ଠିକ୍ ୨୮ବର୍ଷତଳେବୌଦ୍ଧ ଜଲ୍ଲା ଗଠନ ହୋଇଥିଲା। ଜିଲ୍ଲା ଗଠନର ୨୮ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ମହାନଦୀ ଉପରେ ଉତ୍ତରପୂର୍ବ ସହିତ ପଶ୍ଚିମ ଏବଂ ଦକ୍ଷିଣ ଓଡିଶାକୁ ସଂଯୋଗ ପାଇଁ ଧଳପୁର-ଆଠମଲ୍ଲିକ ଭଳି ସମ୍ପର୍କ ସେତୁ ନିର୍ମାଣ କରାଯାଇଛି। ପର୍ଯ୍ୟଟନର ବିକାଶ ଦିଗରେ ଏକ ଐତିହାସହିକ କାର୍ଯ୍ୟ ହାତକୁ ନିଆଯାଇ ହରଭଙ୍ଗା ବ୍ଲକର ବୀରନରସିଂହପୁରରେ ଓଡିଶାର ଦ୍ୱିତୀୟ ନନ୍ଦନବନ ନିର୍ମାଣ ପାଇଁ କାର୍ଯ୍ୟ ଆଗେଇଚାଲିଛି। ମହାନଦୀ ଉପରେ ମର୍ଜାକୁଦ ସେତୁ ନିର୍ମାଣ କରାଯାଇ ବୌଦ୍ଧ ବିଜ୍ଞାପିତଅଞ୍ଚଳରେ ସାମିଲଥିବା ଏହି ଅଧିବାସୀଙ୍କ ଦୀର୍ଘଦିନର ସ୍ୱପ୍ନକୁ ପୂରଣ କରାଯାଇପାରିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୁଇପାଦ ଆଗକୁ ଯାଇ ବୌଦ୍ଧରେ ୩ଶହଶଯ୍ୟା ବିଶିଷ୍ଟ ମେଡିକାଲ ନିର୍ମାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ପଶ୍ଚିମ ଓଡିଶାର ଦ୍ୱିତୀୟ ବୃହତମ ସୁଇମିଂ ପୋଲ ମଧ୍ୟ ବୌଦ୍ଧରେ ନିର୍ମାଣ ହୋଇଛି। ବୌଦ୍ଧର ଇତିହାସକୁ ଋଦ୍ଧିମନ୍ତ ପାଇଁ ଜିଲା ସଂଗ୍ରାହଳୟ ନିର୍ମାଣ କରାଯାଇଛି।

ନୂତନ କୋର୍ଟ କାର୍ଯ୍ୟାଳୟ ସାଙ୍ଗକୁ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାପନ କରାଯାଇ ଜିଲା ସଦର ମହକୁମାକୁ ଏକ ପ୍ଲାନିଂ ଟାଉନ ଭଳି ଗଢି ତୋଳିବାର ପ୍ରୟାସ ଜାରି ରହିଛି। ଜିଲାରେ ଗୋଟିଏ ପରେ ଗୋଟିଏ ବିକାଶ କାର୍ଯ୍ୟ ଆଗେଇଚାଲିଛି। ମାତ୍ର ଏବେ ବି କୃଷିପ୍ରଧାନ ଜିଲା ବୌଦ୍ଧରେ ଶୀତଳ ଭଣ୍ଡାର ଖଣ୍ଡିଏ ନାହିଁ। ମହାନଦୀ ବନ୍ୟା ଦାଉରୁ ଚାଷଜମି ସାଙ୍ଗକୁ ନଇକୂଳିଆ ଗ୍ରାମକର ସୁରକ୍ଷା ପାଇଁ ରିଙ୍ଗବନ୍ଧ ନିର୍ମାଣ ଆବଶ୍ୟକତା ନାଳିଫଂତା ତଳେ ରହିଛି। ଅଧିକାଂଶ ଅଞ୍ଚଳରେ ଉଠା ଜଳସେଚନ ଅଭାବ ଯୋଗୁଁ ନଇ କୂଳିଆ ଆଖୁ, ଗହମ, ଡାଲି ଜାତୀୟ ଚାଷ ବାଧାପ୍ରାପ୍ତ ହେଉଛ। ଶିକ୍ଷା କ୍ଷେତ୍ରରେ ବୌଦ୍ଧ ଏବେ ବି ପଛୁଆ ରହିଛି। ଗ୍ରାମାଞ୍ଚଳରେ ଥିବା ବହୁ ପୁରାତନ ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମିର ଏବେ ବି ଅଭାବ ରହିଛି। ବ୍ଲକରେ ଡିଗ୍ରୀ କଲେଜ ସାଙ୍ଗକୁ ବିଜ୍ଞାନ କଲେଜର ଆବଶ୍ୟକତା ରହିଥିଲେ ମଧ୍ୟ ତାହା ପୂରଣ ହୋଇପାରିନାହିଁ।

ବାଳିକା ହାଇସ୍କୁଲର ଆବଶ୍ୟକତା ରହିଥିଲେ ମଧ୍ୟ ଏହା ପୂରଣ ହୋଇପାରୁନାହିଁ। ସରକାରୀ ବସ୍ ଚଳାଚଳ କମ୍ ଯୋଗୁଁ ଗ୍ରାମାଞ୍ଚଳ ଲୋକେ ଯାତାୟତ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ହରଭଙ୍ଗା, ଚାରିଛକ, ପୁରୁଣାକଟକ, ମାଧପୁର ଭଳି ସ୍ଥାନରେ ବସଷ୍ଟାଣ୍ଡର ଅଭାବ ରହିଛି। ଖେଳକୁଦ ଦିଗରେ ଜିଲାର ଯୁବପିଢୀଙ୍କ ଆଗ୍ରହ ରହିଥିଲେ ମଧ୍ୟ ପ୍ରୋତ୍ସାହନ ଏବଂ ପଡିଆର ଅଭାବ ଯୋଗୁଁ ଗ୍ରାମାଞ୍ଚଳର କ୍ରୀଡା ପ୍ରତିଭାଙ୍କ ଭବିଷ୍ୟତ ବଣମଲ୍ଲୀ ଭଳି ରହିଛି। ଏବେ ଜିଲ୍ଲାରେ ନିର୍ମାଣଧିନଥିବା ଷ୍ଟାଡିୟମ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। କଳା, ସଂସ୍କୃତିରେ ପରିପୂର୍ଣ୍ଣ ଜିଲାରେ ଲୁକାୟିତ ପ୍ରତିଭାଙ୍କ ବିକାଶ ଦିଗରେ ଆଜି ବି ବୌଦ୍ଧ ପଛୁଆ ରହିଛି। ଗ୍ରାମାଞ୍ଚଳର କୁନି ପ୍ରତିଭାଙ୍କ ନାଚ, ଗୀତ, ଚିତ୍ରାଙ୍କନ, ଝୋଟି ଇତ୍ୟାଦି କାର୍ଯ୍ୟକ୍ରମ ପାଇଁ ବ୍ଲକସ୍ତରରେ କୌଣସି ଏକ କଳାମଣ୍ଡପ କିମ୍ବା ବ୍ଲକସ୍ତରୀୟ ହଲର ସୁବିଧା ନଥିବାରୁ ଗ୍ରାମଞ୍ଚଳର କଳାକାରଙ୍କ ପ୍ରତିଭାଙ୍କ ବିକାଶ ହୋଇପାରୁନାହିଁ।

ଜିଲାର ଜନସାଧାରଣଙ୍କ ଆର୍ଥିକସ୍ଥିତି କୃଷି ଉପରେ ନିର୍ଭର କରୁଛି। ମାତ୍ର କୃଷି, ପ୍ରାଣୀ, ମତ୍ସ୍ୟ , ମୃତିକାସଂରକ୍ଷଣ ଏବଂ ଉଦ୍ୟାନ ଭଳି କୃଷି ସମ୍ପର୍କିତ ବିଭାଗର ଭିତ୍ତିଭୂମି ଅଭାବରୁ ଲୋକେ ଏହି ବିଭାଗର ସ୍ୱାଦ ଚାଖିପାରିନାହାଁନ୍ତି ।ଏଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକର ମୁଖ୍ୟାଳୟରେ ଅଫିସର କ୍ୱାର୍ଟର ଠାରୁ ଆରମ୍ଭ କରି ଆନୁସଙ୍ଗିକ କାର୍ଯ୍ୟାଳୟ ନିର୍ମାଣ ଦିଗରେ ଗୁରୁତ୍ୱ ଦେବା ଜରୁରୀ ରହିଛି।

ଦୀର୍ଘ ୧୫ବର୍ଷହେଲା ଅଚଳ ଅବସ୍ଥାରେ ପଡିଥିବା ଚାରିଛକ ଦୁଗ୍ଧ ଶୀତଳି କରଣ ପ୍ଲାଂଟ ଏବେ ବି କାର୍ଯ୍ୟକ୍ଷମ ହୋଇପାରନଥିବାରୁ ଦୁଗ୍ଧଚାଷୀ ଏହି ସୁବିଧାରୁ ବଂଚିତ ହେଉଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଜିଲା ମଧ୍ୟଭାଗ ଦେଇ ଅତିକ୍ରମ କରିଥିବାବେଳେ ପୁରୁଣା କଟକ ବାଏପାଶ ନିର୍ମାଣ କାର୍ଯ୍ୟ ଏବେ ବି ଅଧୁରା ରହିଛି। ବ୍ଲକରେ ଏକ ଶବ ବ୍ୟବଚ୍ଛେଦ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହେଉଥିଲେ ମଧ୍ୟ ଏହା ପୂରଣ ହୋଇପାରିନାହିଁ। କଣ୍ଡରା, କାଚପାଜୁ, ବାଙ୍କପାଜୁ ସୁଲକେଟି ଏବଂ ବାନ୍ଦିଗାଡୁ ଭଳି ଅନେକ ଦୁର୍ଗମ ଅଂଚଳ ଗାଁକୁ ସ୍ୱାଧିନତାର ୭୫ବର୍ଷ ପରେ ବି ପାଦଚଲା ଖଣ୍ଡିଏ ରାସ୍ତାନଥିବା ଜିଲାର ବିକାଶ ଧାରା ଉପରେ ବଡ ପ୍ରଶ୍ନଚିହ୍ନ ଲଗାଇଛି। ଅନେକ ସରକାରୀ ଦପ୍ତରରେ କର୍ମଚାରୀ ମରୁଡି ଯୋଗୁଁ ଅଧିକାଂଶ ସରକାରୀ କାର୍ଯ୍ୟାଳୟ ନାହିଁ ନାହିଁରେ ଚାଲିଛି। ହରଭଙ୍ଗାରେ ଏକ ମିନି ବ୍ଲକ ନିର୍ମାଣ ସହିତ ଐତିହାସିକ ଡାକବଙ୍ଗଳାର ପୁନଃରୁଦ୍ଧାର ସାଙ୍ଗକୁ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ର ଆଦି ଦାବି ଲୋକଙ୍କ ପୂରଣ ହୋଇପାରିନାହିଁ। ସବୁ ଆଡୁ ଜିଲ୍ଲାକୁ ଯୋଗାଯୋଗର ରସ୍ତା ସଂଯୋଗ ଚାଲିଥିବାବେଳେ ହରଭଙ୍ଗା ଠାରୁ ଧଳପୁର ପର୍ଯ୍ୟନ୍ତ ଜଗନ୍ନାଥ ସଡକରେ ଏକ ହାଏଲେବୁଲ ରାସ୍ତା ନିର୍ମାଣ କରାଯାଇ ଏହି ଅଂଚଳର ବିକାଶକୁ ତ୍ୱାରନ୍ୱିତ କରିବା ଦାବି ମଧ୍ୟ ଅଧୁରା ରହିଛି। ପର୍ଯ୍ୟଟନ ବିକାଶ ପାଇଁ ଜିଲ୍ଲାପ୍ରଶାସନ ଅଣ୍ଟାଭିଡିଥିବାବେଳେ ଛୋଟ ଛୋଟ ପର୍ଯ୍ୟଟନସ୍ଥାନର ଆଶାନୁରୂପ ବିକାଶ ହୋଇପାରିନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନିର୍ବାଚିତ ପ୍ରତିନିଧି ଲୋକଙ୍କ ସମସ୍ୟା ଦାବି ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଉନଥିବାରୁ ଅନେକସ୍ଥାନର ବିକାଶ ଯେତିମିରେ ଥିଲା ସେମିତିରେ ରହିଛି। ନୂଆବର୍ଷରେ ଜିଲାର ଅଧୁରାଥିବା ବିକାଶଧାରାକୁ ପୂରଣ ପାଇଁ ରାଜନୈତିକ ନେତା ଏବଂ ଜିଲା ପ୍ରଶାସନ ପକ୍ଷରୁ ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଗଲେ ଜନସାଧାରଣଙ୍କ ବୃହତ ଆଶା ପୂରଣ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ନୂଆବର୍ଷରେ ବିଗିଡିବନି ରୋଷେଇଶାଳର ବଜେଟ୍

ଶସ୍ତା ରହିବ ଡାଲି ଓ ଖାଦ୍ୟ ତୈଳ ମୂଲ୍ୟ

ନୂଆଦିଲ୍ଲୀ: ରୋଷେଇ ଘରର ବଜେଟ୍‌କୁ ସବୁଠୁ ଅଧିକ ପ୍ରଭାବିତ କରୁଥିବା ତେଲ ଓ ଡାଲିର ଦର ଉପରେ ସତର୍କ ନଜର ରଖାଯାଇଛି ଓ ଏହାର ମୂଲ୍ୟ ନିୟନ୍ତ୍ରଣରେ ରଖିବା ପାଇଁ ବଜାରରେ ଏହି ସାମଗ୍ରୀଗୁଡିକର ଉପଲବ୍ଧତା ବୃଦ୍ଧି ନିମନ୍ତେ ଉପାୟ ମଧ୍ୟ କରାଯାଇଛି। ଏଥିଲାଗି ସରକାର କମ୍ ଆମଦାନୀ ଶୁଳ୍କରେ ପାମ ତେଲ ଆମଦାନୀ ଲାଗି ରିହାତି ଦେଇଥିବା ବେଳେ ଡାଲି ଆମଦାନୀ ଲାଗି ଫ୍ରି ଇମ୍ପୋର୍ଟ ପଲିସିକୁ ଆହୁରି ଅଧିକ ବର୍ଷେ ସମ୍ପ୍ରସାରଣ କରିଛନ୍ତି।

ଦେଶରେ ଖାଦ୍ୟ ତୈଳ ମୂଲ୍ୟ ନିୟନ୍ତ୍ରଣରେ ରଖିବା ପାଇଁ ସରକାର ଡିସେମ୍ବର ୨୦୨୧ରେ ଆମଦାନୀ ଶୁଳ୍କ ହ୍ରାସ କରିଥିଲେ। ଏହି ହ୍ରାସ ଅବଧି ୩୧ ଡିସେମ୍ବର ୨୦୨୨ରେ ଶେଷ ହେବାକୁ ଯାଉଛି। ତେବେ ସରକାର ଏହା ପୂର୍ବରୁ ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ଶୁଳ୍କ ହ୍ରାସ ସମ୍ପ୍ରସାରଣ କରିଛନ୍ତି। ଏହି ନିଷ୍ପତ୍ତି ଯୋଗୁ ରିଫାଇନ ପାମ ଅଏଲ ଆମଦାନୀ କମ ଶୁଳ୍କରେ କରାଯାଇ ପାରିବ। ସରକାର ରିଫାଇନ ପାମ ତେଲ ଉପରେ ଆମଦାନୀ ଶୁଳ୍କ ୧୯.୨୫ ପ୍ରତିଶତ ହ୍ରାସ କରି ୧୩.୭୫ ପ୍ରତିଶତ କରିଦେଇଛନ୍ତି।

ଶୁଳ୍କ ହ୍ରାସ ଯୋଗୁ ଭାରତୀୟ ବ୍ୟବସାୟୀ ପାମ ଅଏଲ ଆମଦାନୀ ବେଶ୍ ସୁବିଧା ଦରରେ କରି ପାରୁଥିବା ବେଳେ ବଜାରରେ ମଧ୍ୟ ଶସ୍ତା ଓ ସହଜ ଉପଲବ୍ଧ ହୋଇ ପାରୁଛି। ସେହିପରି ସରକାର ଡାଲି ମୂଲ୍ୟ ନିୟନ୍ତ୍ରଣରେ ରଖିବା ପାଇଁ ହରଡ ଓ ବିରିଡାଲି ଆମଦାନୀ ଉପରେ ଫ୍ରି ଇମ୍ପୋର୍ଟ ପଲିସି ଲାଗୁ କରିଛନ୍ତି। ଏହି ନୀତିର ଅବଧି ସରକାର ଏବେ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଥିବାରୁ ନିକଟ ଭବିଷ୍ୟତରେ ଡାଲି ମୂଲ୍ୟ ବୃଦ୍ଧିର ସମ୍ଭାବନା ନାହିଁ। ଫ୍ରି ଇମ୍ପୋର୍ଟ ପଲିସି ଯୋଗୁ ବ୍ୟବସାୟୀଙ୍କୁ ଡାଲି ଆମଦାନୀରେ ଅସୁବିଧା ହେଉ ନଥିବା ବେଳେ ଖୁଚୁରା ବଜାରରେ ଉପଲବ୍ଧତା ବଢିବା ସହିତ ମୂଲ୍ୟ ଉପରେ ଲଗାମ ଲାଗିଛି। ଗତବର୍ଷ ଖୁଚୁରା ବଜାରରେ ଡାଲିର ମୂଲ୍ୟ ବୃଦ୍ଧିକୁ ଦେଖି ସରକାର ଫ୍ରି ଇମ୍ପୋର୍ଟ ପଲିସି ଲାଗୁ କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ଯୋଗୁ ନଭେମ୍ବର ୨୦୨୨ରୁ ବଜାରରେ ଡାଲିର ମୂଲ୍ୟ ନିୟନ୍ତ୍ରଣାଧୀନ ରହିଛି। ଫଳରେ ମୁଦ୍ରାସ୍ଫିତି ହାର ୩.୧୫ ପ୍ରତିଶତକୁ ହ୍ରାସ ହୋଇଛି।

ସରକାର ଡାଲି ଓ ତେଲ ବ୍ୟତୀତ କଟନ (କପା) ଆମଦାନୀ ଉପରେ ମଧ୍ୟ ଶୁଳ୍କ ହ୍ରାସ କରିଛନ୍ତି। ବ୍ୟବସାୟୀ ଏବେ ବିନା ଆମଦାନୀ ଶୁଳ୍କ ପୈଠରେ ୫୧ ହଜାର ଟନ ଏକ୍ସଟ୍ରା ଲଙ୍ଗ କଟନ ଆମଦାନୀ କରିପାରୁଛନ୍ତି। ଏଣୁ ସୂତା କପଡା ଉତ୍ପାଦନ ଦର ହ୍ରାସ ହୋଇଥିବା ବେଳେ ଖୁଚୁରା ବଜାରରେ ମଧ୍ୟ ଏହାର ଦର ନିୟନ୍ତ୍ରଣରେ ରହିଛି। କେବଳ ଏତିକି ନୁହେଁ ସରକାର ମସୁର ଓ ବାଦାମ ଆମଦାନୀ ଉପରେ ମଧ୍ୟ୫୦ ପ୍ରତିଶତ ଶୁଳ୍କ ରିହାତି କରିଛନ୍ତି।

ଛାତ୍ରଛାତ୍ରୀଙ୍କୁ ଶୋଷଣ କରୁଛି ବାଇଜୁସ

କୋର୍ସ ନକିଣିଲେ ଭବିଷ୍ୟତ ନଷ୍ଟ କରିବାକୁ ଧମକ

ନୂଆଦିଲ୍ଲୀ: ବାଇଜୁସ୍ ବିରୋଧରେ ସାଘାଂତିକ ଅଭିଯୋଗ। ଛାତ୍ରଛାତ୍ରୀଙ୍କୁ କୋର୍ସ ନେବାକୁ ବାଧ କରୁଛି। କୋର୍ସ ନ କଲେ ଭବିଷ୍ୟତ ନଷ୍ଟ କରିବାକୁ ଧମକ ଦେଉଛି କମ୍ପାନୀ। ଏମିତି ଅଭିଯୋଗ ଆଣିଛି ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ (ଏନସିପିସିଆର)।

ଅଭିଯୋଗ ଅନୁସାରେ, ବାଇଜୁସ ପିଲା ତଥା ସେମାନଙ୍କ ଅଭିଭାବକଙ୍କ ନମ୍ବର କିଣି ତାଙ୍କୁ କମ୍ପାନୀର କୋର୍ସ ନେବାକୁ ବାଧ କରୁଛି। ଯଦି ସେମାନେ କୋର୍ସ କିଣିବେ ନାହିଁ ତାହାଲେ ସେମାନଙ୍କ ଭବିଷ୍ୟତ ନଷ୍ଟ କରିଦିଆଯିବ ବୋଲି କମ୍ପାନୀ ଧମକ ଦେଉଛି। ତେବେ ଫାର୍ଷ୍ଟ ଜେନେରେସନ(ଯେଉଁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଅଣଗ୍ରାଜୁଏଟ୍ ଥିବେ) ଛାତ୍ରଛାତ୍ରୀମାନେ ଏଭଳି ଶୋଷଣର ଶିକାର ହେଉଥିବା ଏନସିପିସିଆର କହିଛି।

ପ୍ରକୃତରେ ଗଣମାଧ୍ୟମର ରିପୋର୍ଟକୁ ନେଇ ଏନସିପିସିଆର ଆକ୍ସନ ନେଇଛି। ଏହି ରିପୋର୍ଟରେ କୁହାଯାଇଥିଲା ଯେ ବାଇଜୁସ ମାଲପ୍ରାକ୍ଟିସ ଏବଂ ଭୁଲ୍ ଉପାୟରେ କୋର୍ସ ନେବାକୁ ବାଧ କରୁଛି। ଏହି ପ୍ରସଙ୍ଗରେ ଜରୁରୀ ଆକ୍ସନ ନେବୁ ଏବଂ ଦରକାର ପଡ଼ିଲେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ମଙ୍ଗଳବାର କହିଛନ୍ତି ଏନସିପିସିଆର ଅଧ୍ୟକ୍ଷ ପ୍ରିୟଙ୍କ କାନୁନଗୋ। ଗତ ଶୁକ୍ରବାର, ଆୟୋଗ ବାଇଜୁସ୍ ସିଇଓ ରବିନ୍ଦ୍ରନଙ୍କୁ ଡିସେମ୍ବର ୨୩ ତାରିଖରେ ହାଜର ହେବାକୁ ସମନ ଜାରି କରିଛି।

ସେପଟେ ବାଇଜୁସ୍ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଛାତ୍ରଛାତ୍ରୀଙ୍କ ଡାଟା କିଣିନଥିବା କହିଛି। କମ୍ପାନୀ କହିଛି ୧୫୦ ମିଲିୟନ ରେଜିଷ୍ଟର ୟୁଜର ରହିଛନ୍ତି ଏବଂ ବାଇଜୁସ୍ ଭାରତର ଟପ୍ ବ୍ରାଣ୍ଡ୍ ମଧ୍ୟରୁ ଗୋଟିଏ। ଆମକୁ ଅତିରିକ୍ତ ଡାଟା କିଣିବାର ଆବଶ୍ୟକ ନାହିଁ। ସିପିସିଆର ଆକ୍ଟ ୨୦୦୫ ର ଧାରା ୧୪ ଅନୁଯାୟୀ ଆୟୋଗ ନିର୍ଦ୍ଦିଷ୍ଟ ଘଟଣାକୁ ନେଇ ମାମଲା କରିବାକୁ ଆୟୋଗ ପାଖରେ କ୍ଷମତା ରହିଛି। ତେବେ ରବିନ୍ଦ୍ରନ ଯଦି ସମନରେ କମିଶନ ସାମ୍ନାରେ ଉପଯୁକ୍ତ ତଥ୍ୟ ସହ ହାଜର ନ ହେଉଛନ୍ତି ତେବେ ତାଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି କୁହାଯାଇଛି।

ବାର୍ଷିକ ୨୦ ହଜାର ଯାତ୍ରୀବାହୀ ଗାଡ଼ି ବିଦେଶକୁ ରପ୍ତାନୀ କରିବ ମାରୁତୀ ସୁଜୁକି

FREEDOM ACE

ନୂଆଦିଲ୍ଲୀ: ବର୍ଷକୁ ୨୦ ହଜାର ଗାଡ଼ି ରପ୍ତାନୀ କରିବ ମାରୁତୀ ସୁଜୁକି କମ୍ପାନୀ। ଏନେଇ ଚେନ୍ନାଇର କାମରାଜର ପୋର୍ଟ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି।ଏନେଇ ମାରୁତୀ ସୁଜୁକି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି।

କାମରାଜ ପୋର୍ଟ ଦେଇ ଗାଡ଼ିଗୁଡ଼ିକ ବିଦେଶକୁ ରପ୍ତାନୀ କରାଯିବ। ଆଫ୍ରିକା, ମଧ୍ୟପ୍ରାଚ୍ୟ ଦେଶ, ଲାଟିନ ଆମେରିକା, ଏସିଆନ୍ (ଦକ୍ଷିଣପୂର୍ବ ଏସିଆ ଦେଶ), ଓସିନିଆ ଏବଂ ସାର୍କ(ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ମାଲଦିପୀ, ନେପାଳ,ପାକିସ୍ତାନ ଏବଂ ଶ୍ରୀଲଙ୍କା) ଦେଶଗୁଡ଼ିକୁ ରପ୍ତାନୀ କରାଯିବ। ଏହି ପୋର୍ଟରୁ କମ୍ପାନୀ ବାର୍ଷିକ ୨୦ ହଜାର ଯାତ୍ରୀବାହୀ ଗାଡ଼ି ବିଦେଶକୁ ରପ୍ତାନୀ କରିବ ବୋଲି କମ୍ପାନୀ ଘୋଷଣା କରିଛି। ତାମିଲନାଡୁରେ ଥିବା ଏହି କାମରାଜର ପୋର୍ଟରେ ଦେଶରେ ଚତୁର୍ଥ ପୋର୍ଟ ଯେଉଁଠାରେ ଭାରତ ନିର୍ମିତ ଗାଡ଼ି ବିଦେଶ ରପ୍ତାନୀ ହୋଇଥାଏ। ଏହି ପୋର୍ଟକୁ ବ୍ୟତୀତ ମୁମ୍ବାଇ, ମୁନ୍ଦ୍ରା ଏବଂ ପିପଭଭ ପୋର୍ଟରେ ମଧ୍ୟ ଗାଡ଼ିକୁ ବିଦେଶ ରପ୍ତାନୀ କରାଯାଇଥାଏ। ଗାଡି ରପ୍ତାନୀ ପୋର୍ଟ ଓ କାର୍ ନିର୍ମାତା କମ୍ପାନୀ ମଧ୍ୟରେ ଡିସେମ୍ବର ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ୫ ବର୍ଷ ପାଇଁ ଏହି ଚୁକ୍ତି ହୋଇଛି। ଅଟୋମୋବାଇଲ ରପ୍ତାନୀ ବ୍ୟବସାୟୀ ପାଇଁ କାମରାଜର ବନ୍ଦର ପକ୍ଷରୁ ଏକ କାର୍ଗୋ ବର୍ଥ ନିର୍ମାଣ କରାଯାଇଛି।

ଏନେଇ କମ୍ପାନୀ ଏମ୍‌ଡି ତଥା ସିଇଓ ହିସାଶି ତାକେଉଚି କହିଛନ୍ତ ଯେ କମ୍ପାନୀ ମେକ୍ ଇନ୍ ଇଣ୍ଡିଆର ଅଭିଯାନକୁ ପ୍ରୋତ୍ସାହନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛି। ବିଶ୍ୱଗ୍ରାହକଙ୍କୁ ଭରସାଯୋଗ୍ୟ ଓ ଅଧୁନିକ ଟେକ୍ନିକ ସମ୍ପନ କାର ଯୋଗାଇ ଦେବା ଆମର ଯେଉଁ ପ୍ରତିଶ୍ରୁତି ଥିଲା ତାହା ପୂରା କରୁଛୁ। କାମରାଜର ପୋର୍ଟ ଦ୍ୱାରା କାର ରପ୍ତାନୀ କଲେ ମୁମ୍ବାଇ, ମୁନ୍ଦ୍ରା ଓପିପଭଭ ପୋର୍ଟରୁ ଯେଉଁ ଭିଡ଼ ହେଉଥିଲା ସେଥିରୁ କିଛି ମାତ୍ରାରେ ମୁକ୍ତି ମିଳିବ। ହେତେବେ ଏହି ୩ ବନ୍ଦରରୁ କମ୍ପାନୀ ପୂର୍ବପରି ଗାଡ଼ି ରପ୍ତାନୀ କରିବ ବୋଲି ସିଇଓ କହିଛନ୍ତି।

ସୂଚନା ଥାଉକି କାମରାଜର ପୋର୍ଟର ଗାଡ଼ି ରଖିବାର କ୍ଷମତା ୧୪ ହଜାର ରହିଛି। ତେବେ ରପ୍ତାନୀ ପୂର୍ବରୁ କାରଗୁଡ଼ିକ ଭଲଭାବରେ ଚେକ୍ କରାଯିବ। ୧୯୮୬ ମସିହାରୁ କାର୍ ରପ୍ତାନୀ କରିଆସୁଥିବା ମାରୁତୀ ସୁଜୁକି ୨୦୨୨ ଆର୍ଥିକ ବର୍ଷରେ ରେକର୍ଡ ସଂଖ୍ୟାକ କାର୍ ବିକ୍ରି କରିଛି। ୧୦୦ଟି ଦେଶରେ ୨.୩୮ ଲକ୍ଷ କାର୍ ରପ୍ତାନୀ କରିଛି କମ୍ପାନୀ।

ଏପ୍ରିଲ-ନଭେମ୍ବର ମଧ୍ୟରେ ଦେଶର ରାଜସ୍ୱ ନିଅଣ୍ଟ ୯.୭୮ ଲକ୍ଷ କୋଟି ଟଙ୍କା

ସରକାରଙ୍କ ଅଧିକ ଖର୍ଚ୍ଚ ପ୍ରମୁଖ କାରଣ

ନୂଆଦିଲ୍ଲୀ: ଦେଶର ରାଜସ୍ୱ ନିଅଣ୍ଟ ଲଗାତାର ବଢିବାରେ ଲାଗିଛି। ଆର୍ଥିକ ବର୍ଷ ୨୦୨୨-୨୩ର ପ୍ରଥମ ୮ ମାସରେ ରାଜସ୍ୱ ନିଅଣ୍ଟ ବଢି ବଢି ୯.୭୮ ଲକ୍ଷ କୋଟି ଟଙ୍କା ରହିଛି ଯାହା ସରକାରଙ୍କ ପୂରା ବର୍ଷର ଲକ୍ଷ୍ୟର ୫୮.୯ ପ୍ରତିଶତ ଅଟେ। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ରାଜସ୍ୱ ନିଅଣ୍ଟ ୪୬.୨ ପ୍ରତିଶତ ରହିଥିଲା। ସରକାରଙ୍କ ପକ୍ଷରୁ ଜାରି ପରିସଂଖ୍ୟାନରୁ ଏହା ସାମନାକୁ ଆସିଛି।

ଏହି ଅବଧିରେ ସରକାରଙ୍କ ରାଜସ୍ୱ ବଢି ୧୪.୬୫ ଲକ୍ଷ କୋଟି ଟଙ୍କରେ ପହଞ୍ଚିଛି, ଅନ୍ୟପଟେ ସରକାରଙ୍କ ଖର୍ଚ୍ଚ ୨୪.୪୩ ଲକ୍ଷ କୋଟି ଟଙ୍କା ରହିଛି। ଏହା ଚଳିତ ଆର୍ଥିକ ବର୍ଷର ବଜେଟ ଲକ୍ଷ୍ୟର ୬୪.୧ ପ୍ରତିଶତ ଏବଂ ୬୧.୯ ପ୍ରତିଶତ ଅଟେ। ଏଥିରେ ରେଭେନ୍ୟୁରୁ ରାଜସ୍ୱ ୧୪.୨୩ ଲକ୍ଷ କୋଟି ଟଙ୍କା ରହିଥିଲା। ଏଥିରେ ୧୨.୨୫ ଲକ୍ଷ କୋଟି ଟଙ୍କା ଟ୍ୟାକ୍ସରୁ ଏବଂ ୧.୯୮ ଲକ୍ଷ କୋଟି ଅଣ-ଟ୍ୟାକ୍ସରୁ ଆସିଛି। ଟ୍ୟାକ୍ସ ରେଭେନ୍ୟୁ ବଜେଟ ଲକ୍ଷ୍ୟର ୬୩.୩ ପ୍ରତିଶତ ଏବଂ ଅଣ-ଟ୍ୟାକ୍ସ ରେଭେନ୍ୟୁ ୭୩.୫ ପ୍ରତିଶତ ରହିଛି। ଗତ ବର୍ଷ ସମାନ ଅବଧିର ୭୩.୫ ପ୍ରତିଶତ ଏବଂ ୯୧.୮ ପ୍ରତିଶତରୁ କମ ରହିଛି।

ଚଳିତ ବର୍ଷ ମଇ ମାସରେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପ୍ରଭାବକୁ କମ କରିବା ପାଇଁ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରୁ ଏକ୍ସସାଇଜ୍ ଡ୍ୟୁଟି ହ୍ରାସ କରିଥିଲେ। ଯାହା ଦ୍ୱାରା ସରକାରଙ୍କ ରାଜସ୍ୱ ହାନୀ ହୋଇଥିଲା। ସରକାରଙ୍କ ଦ୍ୱାରା ଚଳିତ ବର୍ଷ କରାଯାଉଥିବା ଅତିରିକ୍ତ ଖର୍ଚ୍ଚ ଯୋଗୁଁ ରାଜସ୍ୱ ନିଅଣ୍ଟ ସରକାରଙ୍କ ଅନୁମାନ ଠାରୁ ୧ ଲକ୍ଷ କୋଟି ଟଙ୍କା ଅଧିକ ରହିପାରେ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟରେ କହିଥିଲେ ଯେ ଭାରତ ନିଜର ରାଜସ୍ୱ ନିଅଣ୍ଟକୁ ଜିଡିପିର ୬.୪ ପ୍ରତିଶତରେ ରଖିବା ପାଇଁ ଉଦ୍ୟମ କରିବ।

୬୨ ହଜାର ହେବ ସୁନା ଦର, ରୂପା ହେବ ୮୦ ହଜାର

ନୂଆଦିଲ୍ଲୀ: ଆଗାମୀ ବର୍ଷ ପ୍ରତି ୧୦ ଗ୍ରାମ ସୁନା ଦର ୬୨ ହଜାରକୁ ପହଞ୍ଚିବ। ସେହିପରି ରୂପା କେଜି ୮୦ ହଜାର ଟଙ୍କାକୁ ଛୁଇଁବ ବୋଲି ଅନୁମାନ କରାଯାଉଛି। ଆଇସିଆଇସିଆଇ ୨୦୨୩ରେ ମୂଲ୍ୟବାନ ଧାତୁ ଦରକୁ ନେଇ ଏକ ରିପୋର୍ଟ ଜାରି କରିଛନ୍ତି। ଯେଉଁଥିରେ ୨୦୨୩ ମସିହାରେ ସୁନା ପ୍ରତି ୧୦ ଗ୍ରାମ ଦର ୬୨ ହଜାରକୁ ପହଞ୍ଚିବ, ଯାହା ସୁନାର ସର୍ବକାଳିନ ରେକର୍ଡ ମୂଲ୍ୟ ବୋଲି ଆକଳନ କରାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ ପ୍ରତି ୧୦ ଗ୍ରାମ ସୁନା ଦର ଏବେ ୫୪, ୩୭୦ ଟଙ୍କା ଆଖପାଖରେ କାରବାର କରୁଛି। ତେବେ ୨୦୨୩ରେ ସୁନା ଦରରେ ୧୩.୨୮ ପ୍ରତିଶତ ବୃଦ୍ଧି ସହ ପ୍ରତି ୧୦ ଗ୍ରାମ ଦର ୬୨ ହଜାରକୁ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ସେହିଭଳି ଏବେ ବଜାରରେ ପ୍ରତି କେଜି ୬୮,୮୭୦ ଟଙ୍କାରେ କାରବାର ହେଉଥିବା ରୂପା ଦରରେ ୧୬.୧୬ ପ୍ରତିଶତ ବୃଦ୍ଧି ସହ ୮୦ ହଜାର ଟଙ୍କାକୁ ପହଞ୍ଚିବାର ସମ୍ଭାବନା ରହିଛି।

ଏଥିରେ କୁହାଯାଇଛି ଯେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ବୈଶ୍ୱିକ ବିକାଶ ଅନୁମାନକୁ ସଂଶୋଧନ କରିଛନ୍ତି। ଏଣୁ ମୁଦ୍ରାସ୍ଫିତିରେ ହ୍ରାସ ସହ ଡଲାରରେ ଆସିବାକୁ ଥିବା ଦୁର୍ବଳତା କେନ୍ଦ୍ରୀୟ ବ୍ୟାଙ୍କମାନଙ୍କ ସୁଧହାରରେ ଜାରି ବୃଦ୍ଧିରେ ରୋକ ଲଗାଇବ। ଫଳରେ ଚୀନ୍ ପରିସ୍ଥିତି ସ୍ୱାଭାବିକ ହେବା ସହ କମଡିଟି ବଜାର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିବ। ରିପୋର୍ଟରେ କୁହାଯାଇଛି ଯେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଏବେ ସୁସ୍ଥିଆ ହୋଇପଡିଛି। ଯାହା କମୋଡିଟି ବଜାର ଉପରେ ମିଶ୍ରିତ ପ୍ରଭାବ ପକାଉଛି।

ମୁକେଶଙ୍କ ନେତୃତ୍ୱରେ ୨୦ ବର୍ଷରେ ରିଲାଏନ୍ସ

ଭୁବନେଶ୍ୱର: ୨୦ ବର୍ଷ ପୂର୍ବେ ମୁକେଶ ଅମ୍ବାନି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ହୋଇଥିଲେ। ସେ କମ୍ପାନିର ନେତୃତ୍ୱ ଭାର ନେବାଠାରୁ ଯେଉଁ ସଫଳତାର ଧାରା ଆରମ୍ଭ ହୋଇଥିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଛି। ମୁକେଶ ଅମ୍ବାନି ରିଲାଏନ୍ସର ମଙ୍ଗ ସମ୍ଭାଳିବା ପରେ ଗତ ୨ ଦଶନ୍ଧିରେ କମ୍ପାନିର ରାଜସ୍ୱ ଓ ଲାଭ ସହିତ ବଜାର ପୁଞ୍ଜୀକରଣରେ ମଧ୍ୟ ଲଗାତାର ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହୋଇଛି। ଏହି ୨୦ ବର୍ଷ ମଧ୍ୟରେ କମ୍ପାନିର ଲାଭ ୨୦ ଗୁଣା ବଢ଼ିଥିବା ବେଳେ ବଜାର ପୁଞ୍ଜୀକରଣ ୪୨ ଗୁଣା ବଢ଼ିଛି। ମୁକେଶ ଅମ୍ବାନିଙ୍କ ଚମତ୍କାର ବ୍ୟବସାୟ ପରିଚାଳନା ଶୈଳୀ ପାଇଁ ରିଲାଏନ୍ସରେ କେବଳ ବଡ଼ ଧରଣର ରୂପାନ୍ତରଣ ହୋଇନି, ବରଂ ନିବେଶକମାନେ ମଧ୍ୟ ବେଶ ଲାଭବାନ ହୋଇଛନ୍ତି। ପ୍ରତିବର୍ଷ ୮୭ ହଜାର କୋଟି ଟଙ୍କା ହିସାବରେ ନିବେଶକମାନେ ୧୭.୪ ଲକ୍ଷ କୋଟି ଟଙ୍କା ପାଇଛନ୍ତି। ଏହି ସମୟରେ ବିଶ୍ୱର ବଡ଼ବଡ଼ ସଂସ୍ଥାଠାରୁ ରିଲାଏନ୍ସ ନିବେଶ ହାସଲ କରିଛି। ଫେସବୁକ୍, ଗୁଗୁଲ୍ ଏବଂ ବିପି ଭଳି ବିଶ୍ୱସ୍ତରୀୟ ସଂସ୍ଥା ରିଲାଏନ୍ସରେ ନିବେଶ କରିବାକୁ ଆଗେଇ ଆସିଛନ୍ତି।

ଦେଶର ସବୁଠୁ ବଡ଼ କମ୍ପାନିର ସଫଳତା କାହାଣୀର ଅନେକ ଅଧ୍ୟାୟକୁ ମୁକେଶ ତାଙ୍କ ହାତରେ ଲେଖିଛନ୍ତି। ପେଟ୍ରୋଲିୟମ୍‌ରୁ ଯାତ୍ରା ଆରମ୍ଭ କରିଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଟେଲିକମ୍ ଏବଂ ରିଟେଲ୍ କ୍ଷେତ୍ରରେ ବଡ଼ ସଫଳତା ହାସଲ ପାଇଛି। ଅମ୍ବାନି ହିଁ ପ୍ରଥମେ ଡାଟାକୁ “ନୂଆ ତୈଳ’ ବୋଲି କହିଥିଲେ। ଜିଓର ଡାଟା ଦେଶରେ ସାଧାରଣ ଲୋକଙ୍କ ଜୀବନକୁ ସମ୍ପୂର୍ଣ୍ଣ ବଦଳାଇଦେଇଛି।

ଦେଶ ନୁହେଁ ସାରା ଦୁନିଆର ଅନ୍ୟତମ ବୃହତ ଟେଲିକମ୍ କମ୍ପାନି ଜିଓକୁ ମୁକେଶ ପ୍ରତିଷ୍ଠିତ କରିଛନ୍ତି। ବହୁ କମ୍ ସମୟ ଭିତରେ ଜିଓ ଅନେକ ସଫଳତା ପାଇଛି। ଡିଜିଟାଲ୍ ଦୁନିଆରେ ଏହା ଯେଉଁଭଳି ଆଗକୁ ବଢ଼ିଥିଲା ତାହା ସମସ୍ତଙ୍କୁ ଚକିତ କରିଛି। ସବୁଠୁ ଅଧିକ ଡିଜିଟାଲ ନେଣଦେଣର ରେକର୍ଡ ଏବେ ଭାରତ ନାଁରେ ରହିଛି। ରାସ୍ତାକଡ଼ରେ ଠିଆ ହୋଇଥିବା ଠେଲା ବେପାରିଙ୍କଠାରୁ ଆରମ୍ଭ କରି ପଞ୍ଚ ତାରକା ହୋଟେଲ୍ ପର୍ଯ୍ୟନ୍ତ ସବୁଆଡ଼େ ଡିଜିଟାଲ୍ ପେମେଣ୍ଟ ସୁବିଧା ରହିଛି। ଏଥିପାଇଁ ସରକାର ଭରପୁର ପ୍ରୟାସ କରିଥିବା ବେଳେ ରିଲାଏନ୍ସ ଜିଓର ମଧ୍ୟ ବଡ଼ ହାତ ରହିଛି। ଯେଉଁ ୧ ଜିବି ଡାଟା ପୂର୍ବରୁ ୨୫୦ ଟଙ୍କାରେ ମିଳୁଥିଲା, ଜିଓ ଆସିବା ପରେ ସେହି ଦାମ୍ ପ୍ରାୟ ୧୦ ଟଙ୍କାକୁ ଖସିଛି। ଡାଟା ବ୍ୟବହାରରେ ଭାରତ ୨୦୧୬ରେ ୧୫୦ତମ ସ୍ଥାନରେ ଥିଲା। ଏବେ ତାହା ସବୁ ଦେଶକୁ ପଛରେ ପକାଇ ଏକ ନମ୍ବର ହୋଇଛି।

ରିଟେଲ୍ କ୍ଷେତ୍ରରେ ରିଲାଏନ୍ସ ଦୁନିଆର ବଡ଼ବଡ଼ କମ୍ପାନିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଅନଲାଇନ୍‌ଠାରୁ ଆରମ୍ଭ କରି ଅଫ୍‌ଲାଇନ୍, ରିଟେଲ୍ ଏବଂ ପାଇକାରୀ ଆଦି କ୍ଷେତ୍ରରେ ମୁକେଶଙ୍କ ନେତୃତ୍ୱରେ ରିଲାଏନ୍ସ ଏହାର ସ୍ଥିତିକୁ ବେଶ ମଜଭୁତ କରିଛି। ଆମାଜନ, ଫ୍ଲିପ୍‌କାର୍ଟ ଓ ୱାଲ୍‌ମାର୍ଟ ଭଳି କମ୍ପାନି ରିଲାଏନ୍ସକୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଚାର କରୁଛନ୍ତି। ରିଲାଏନ୍ସ ରିଟେଲ୍ ଦ୍ରୁତ ଗତିରେ ଷ୍ଟୋର ସଂଖ୍ୟା ବଢ଼ାଉଛି। ଗତବର୍ଷ ପ୍ରତିଦିନ କମ୍ପାନି ହାରାହାରି ୭ଟି ନୂଆ ଷ୍ଟୋର ଖୋଲିବାର ରେକର୍ଡ କରିଛି। ରାଜସ୍ୱ ଦୃଷ୍ଟିରୁ ମଧ୍ୟ ରିଲାଏନ୍ସ ରିଟେଲ୍ ଦେଶର ୧ ନମ୍ବର ରିଟେଲ୍ କମ୍ପାନି ହୋଇଛି।

ଏତେ ସଫଳତା ସତ୍ତ୍ୱେ ମୁକେଶ ନ ଅଟକି ଆହୁରି ଆଗକୁ ବଢ଼ିବା ପାଇଁ ପ୍ରସ୍ତୁତ ଅଛନ୍ତି। ରିଲାଏନ୍ସର ଭବିଷ୍ୟତ ପାଇଁ ସେ ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ଜାମନଗରରେ ନିଉ ଏନର୍ଜି ପାଇଁ ୭୫ ହଜାର କୋଟି ଟଙ୍କା ନିବେଶରେ ନୂଆ ଗିଗା ଫ୍ୟାକ୍ଟ୍ରି ସ୍ଥାପନ କରାଯାଉଛି। ସୋଲାର ଏନର୍ଜି (ସୌର ଶକ୍ତି) ଓ ଗ୍ରିନ୍ ହାଇଡ୍ରୋଜେନ୍ ଉପରେ ମଧ୍ୟ ରିଲାଏନ୍ସ ବେଶ ଦ୍ରୁତଗତିରେ କାମ କରୁଛି।



ମହାନ୍ ଫୁଟ୍‌ବଲର ପେଲେଙ୍କ ଦେହାନ୍ତ

ସାଓ ପାଓଲ: ବିଶ୍ୱ ଫୁଟବଲର ମହାନ କିମ୍ବଦନ୍ତୀ ତଥା ବ୍ରାଜିଲର ଷ୍ଟାର ଖେଳାଳି ପେଲେଙ୍କ ପରଲୋକ ହୋଇଛି। ବିଳମ୍ବିତ ରାତି ତଥା ବ୍ରାଜିଲ ସମୟ ରାତି ୩.୨୭ରେ ସେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା।

ଦୁଇ ବର୍ଷ ଧରି କ୍ୟାନ୍ସର ଭଳି ଭୟଙ୍କର ରୋଗରେ ପୀଡ଼ିତ ଥିବା ପେଲେ ନିୟମିତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପୁଣିଥରେ ସୁସ୍ଥ ହୋଇ ଫେରୁଥିଲେ। ହେଲେ ଏଥର ତାଙ୍କୁ ଡାକ୍ତରମାନେ ଆଉ ରକ୍ଷା କରିପାରି ନାହାନ୍ତି। ସେ ସବୁଦିନ ପାଇଁ ସମସ୍ତଙ୍କୁ ଛାଡ଼ି ଚିରନିଦ୍ରାରେ ଶୋଇପଡ଼ିଛନ୍ତି।

ତାଙ୍କ ବିୟୋଗରେ ସମଗ୍ର ବିଶ୍ୱରେ ଶୋକ ପ୍ରକାଶ ପାଇଛି। ବ୍ରାଜିଲର ବିଦାୟୀ ରାଷ୍ଟ୍ରପତି ଜାରି ବୋଲସୋନାରୋ ଶୋକ ପ୍ରକାଶ କରିବା ସହ ପେଲେଙ୍କ ସମ୍ମାନାର୍ଥେ ଦେଶର ୩ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଥିଲେ। ୩ ଦିନ ଯାଏ ବ୍ରାଜିଲରେ କୌଣସି ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇନାହିଁ। ସେହିପରି ଜାତୀୟ ପତାକା ଅର୍ଦ୍ଧନମିତ ହୋଇ ରହିଥିଲା। ବୋଲସୋନାରୋ କହିଛନ୍ତି ଯେ ପେଲେ ହିଁ ବ୍ରାଜିଲକୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ।

ସେହିପରି ନବ ନିର୍ବାଚିତ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା ମଧ ଶୋକ ପ୍ରକାଶ କରି କହିଛନ୍ତି ଯେ ପେଲେଙ୍କ ଭଳି ନମ୍ବର ୧୦ ଆଉ କେବେ ହେଲେ ସୃଷ୍ଟି ହେବେନି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ବ୍ରାଜିଲର ଫୁଟବଲ ମହାସଂଘ, କ୍ରିଷ୍ଟିଆନୋ ରୋନାଲଡୋ, ନେମାରଙ୍କ ଠାରୁ ଆରମ୍ଭ କରି ଏମବାପେଙ୍କ ଭଳି ଷ୍ଟାର ଫୁଟବଲରମାନେ ପେଲେଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

ପେଲେଙ୍କ ପୂରା ନାଁ ହେଉଛି ଏଡସନ୍ ଅରାଣ୍ଟେସ୍ ଡୁ ନାସ୍କିମେଣ୍ଟୋ। କିନ୍ତୁ ତାଙ୍କୁ ସମସ୍ତେ ପେଲେ ନାଁରେ ଜାଣନ୍ତି। ନଭେମ୍ବର ୨୯ ତାରିଖରେ ସେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସାଓ ପାଓଲସ୍ଥିତ ଗୋଟିଏ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ ମାସେ କାଳ ତାଙ୍କର ଚିକିତ୍ସା କରୁଥିଲେ। ସେ ଶୀଘ୍ର ସୁସ୍ଥ ହୋଇ ସାଧାରଣ ଜୀବନକୁ ଫେରିବେ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ତାଙ୍କ ଶରୀର ଆଉ କେମୋଥେରୋପି ଗ୍ରହଣ କରି ନଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

ପେଲେ ବିଶ୍ୱର ଏକମାତ୍ର ଫୁଟବଲର ଯିଏ ବ୍ରାଜିଲ ପାଇଁ ୩ ଥର ଫିଫା ବିଶ୍ୱକପ ଜିତିଛନ୍ତି। ବ୍ରାଜିଲ ମୋଟ ୫ଥର ବିଶ୍ୱ ବିଜେତା ହୋଇଛି। ଏହା ମଧ୍ୟରୁ ପେଲେଙ୍କ ସମୟରେ ଦେଶ ୩ଥର ଚାମ୍ପିୟନ ହୋଇଥିଲା। ମାତ୍ର ୧୬ ବର୍ଷ ବୟସରେ ବ୍ରାଜିଲ ପାଇଁ ଖେଳିବା ଆରମ୍ଭ କରିଥିବା ପେଲେ ଜୀବନରେ ଅନେକ ସଫଳତା ପାଇଛନ୍ତି।

ସେ ବ୍ରାଜିଲ ପାଇଁ ୯୨ ମ୍ୟାଚ୍‌ରେ ୭୭ ଗୋଲ୍ ଦେଇ ସର୍ବକାଳୀନ ଗୋଲ୍ ସ୍କୋରର ହେବାର ରେକର୍ଡ କରିଥିଲେ। ୧୯୫୮, ୧୯୬୨ ଓ ୧୯୭୦ରେ ବ୍ରାଜିଲର ଯେଉଁ ଟିମ ଫିଫା ବିଶ୍ୱକପ ଜିତିଥିଲା, ସେଥିରେ ପେଲେ ଏକମାତ୍ର ଖେଳାଳି ଭାବେ ରହିଥିଲେ।

ପେଲେଙ୍କୁ ଯେତେବେଳେ ୧୮ ବର୍ଷ ବୟସ ହୋଇଥିଲା ସେତେବେଳେ ବ୍ରାଜିଲ ପାଇଁ ସେ ପ୍ରଥମଥର ବିଶ୍ୱକପ ଜିତିଥିଲେ। ୧୯୫୮ରେ ଫିଫା ବିଶ୍ୱକପ ଫାଇନାଲରେ ପେଲେ ସ୍ୱିଡେନ୍ ବିପକ୍ଷରେ ୨ଟି ଗୋଲ ଦେଇଥିଲେ। ଏହାର ୪ ବର୍ଷ ପରେ ଅର୍ଥାତ ୧୯୬୨ ବିଶ୍ୱକପରେ ସେ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇଥିଲେ। ବ୍ରାଜିଲ ବିଶ୍ୱକପ ମଧ ଜିତିଥିଲା। ୧୯୬୨ ପରଠାରୁ ଏଯାଏ କୌଣସି ଦେଶ କ୍ରମାଗତ ବିଶ୍ୱକପ ଜିତି ନାହିଁ।

୧୯୭୦ ବିଶ୍ୱକପ୍ ଫାଇନାଲ୍‌ରେ ପେଲେଙ୍କ ପ୍ରାରମ୍ଭିକ ଗୋଲ୍‌ରେ ବ୍ରାଜିଲ ୪-୧ରେ ଇଟାଲିକୁ ମାତ୍ ଦେଇ ଚାମ୍ପିୟନ ହୋଇଥିଲା। ସେ ବ୍ରାଜିଲୀୟ କ୍ଲବ୍ ସାଣ୍ଟୋସ୍ ପାଇଁ ୬୫୯ ମ୍ୟାଚ୍ ଖେଳି ୬୪୩ ଗୋଲ୍ କରିଥିଲେ।

ମେସି ମ୍ୟାଜିକ୍, ଚାମ୍ପିଅନ୍ ହେଲା ଆର୍ଜେଣ୍ଟିନା

ନୂଆଦିଲ୍ଲୀ: ପୂରା ହେଲା ମେସିଙ୍କ ସ୍ୱପ୍ନ। ବିଶ୍ୱ ବିଜୟୀ ହେଲା ଆର୍ଜେଣ୍ଟିନା। ପେନାଲଟି ସୁଟ ଆଉଟରେ ୪-୨ରେ ବାଜି ମାରିଲା ଆର୍ଜେଣ୍ଟିନା। ୩୬ ବର୍ଷ ପରେ କତାର ରାଜଧାନୀରେ ଦୋହାରେ ଆୟୋଜିତ ଫିଫା ବିଶ୍ୱକପ୍-୨୦୨୨କୁ ନିଜ ନାଁରେ କରି ଇତିହାସ ରଚିଛି ଆର୍ଜେଣ୍ଟିନା। ନିର୍ଦ୍ଧାରିତ ସମୟ ଫ୍ରାନ୍ସ ଏବଂ ଆର୍ଜେଣ୍ଟିନା ମଧ୍ୟରେ ଫାଇନାଲ ମୁକାବିଲା ୨-୨ରେ ବରାବର ରହିଥିଲା। ପରବର୍ତ୍ତୀ ସମୟରେ ୩-୩ ବରାବର ପରେ ସୁଟଆଉଟ୍‌ରେ ଫଇସଲା ହୋଇଥିଲା। ପେନାଲଟି ସୁଟଆଉଟରେ ୪-୨ରେ ବାଜି ମାରି ତୃତୀୟ ଥର ପାଇଁ ବିଶ୍ୱ ବିଜୟୀ ହୋଇଛି ଆର୍ଜେଣ୍ଟିନା।

ପ୍ରଥମ ହାଫ୍‌ରେ ଆର୍ଜେଣ୍ଟିନା ଦମଦାର ପ୍ରଦର୍ଶନ କରିଥିଲା। ଲିଓନେଲ ମେସିଙ୍କ ନେତୃତ୍ୱରେ ଦଳର ଖେଳାଳିମାନେ ଆକ୍ରମଣାତ୍ମକ ଭାବେ ଖେଳିଥିଲେ। ୨୩ତମ ମିନିଟ୍‌ରେ ଆର୍ଜେଣ୍ଟିନା ପାଇଁ ପ୍ରଥମ ଗୋଲ୍ କରିଥିଲେ ଷ୍ଟାର ଖେଳାଳି ଲିଓନେଲ୍ ମେସି। ଏହାପରେ ମ୍ୟାଚର ୩୬ତମ ମିନିଟ୍‌ରେ ଏକ ଗୋଲ୍ କରି ଦଳକୁ ଅଗ୍ରଣୀ କରିଥିଲେ ଡି ମାରିଆ। ମଧ୍ୟାନ୍ତର ସୁଦ୍ଧା ୨-୦ରେ ଅଗ୍ରଣୀ ଥିଲା ଆର୍ଜେଣ୍ଟିନା। ତେବେ ଏମ୍ବାପେଙ୍କ ଡବଲ ଗୋଲ୍ ବଳରେ ସ୍ଥିତି ବରାବର କରିଥିଲା ଫ୍ରାନ୍ସ। ମ୍ୟାଚର ୮୦ ଓ ୮୨ତମ ମିନିଟ୍‌ରେ ଡବଲ୍ ଗୋଲ୍ କରିଥିଲେ ଏମ୍ବାପେ। ଫଳରେ ମ୍ୟାଚ୍ ୨-୨ ସମାନ ସ୍ଥିତିକୁ ଚାଲିଯାଇଥିଲା। ମ୍ୟାଚ୍ ଫଇସଲା ପେନାଲଟି ସୁଟ୍‌ଆଉଟ୍‌ରେ ହୋଇଥିଲା। ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ଫ୍ରାନ୍ସକୁ ପରାସ୍ତ କରି ଆର୍ଜେଣ୍ଟିନା ଚାମ୍ପିଅନ ହୋଇଥିଲା। ଏଥିସହିତ ଫିଫା ବିଶ୍ୱକପରେ ଆର୍ଜେଣ୍ଟିନା ୩ୟ ଥର ଚାମ୍ପିଅନ ହୋଇଛି।

ଫିଫା ବିଶ୍ୱକପ୍‌ରେ ଆର୍ଜେଣ୍ଟିନାର ରୋମାଞ୍ଚକର ବିଜୟ ପରେ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ମାନଙ୍କ ମଧ୍ୟରୁ ଏହା ସ୍ମରଣୀୟ ହୋଇ ରହିବ। ପୂରା ଟୁର୍ଣ୍ଣାମେଣ୍ଟରେ ଆର୍ଜେଣ୍ଟିନା ଦମଦାର ଖେଳ ପ୍ରଦର୍ଶନ କରିଥିଲା। ଭାରତରେ ମେସିଙ୍କ ଲକ୍ଷ ଲକ୍ଷ ଫ୍ୟାନ୍ ଆର୍ଜେଣ୍ଟିନାର ବୃହତ ବିଜୟ ନେଇ ଉତ୍ସାହିତ ଥିବା କହିଛନ୍ତି ମୋଦି। ସେହିପରି ଫ୍ରାନ୍ସ ଦଳର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ଥିଲା ବୋଲି ଟ୍ୱିଟ୍ କରି କହିଛନ୍ତି ମୋଦି। ସେପଟେ ବହୁ ରାଜନୈତିକ ବ୍ୟକ୍ତିବିଶେଷ ବିଶ୍ୱବିଜୟୀ ଆର୍ଜେଣ୍ଟିନା ଦଳକୁ ଶୁଭେଚ୍ଛା ଜଣାଇବା ସହ ଦମଦାର ପ୍ରଦର୍ଶନ ପାଇଁ ପ୍ରଶଂସା କରିଛନ୍ତି।

ହକି ବିଶ୍ୱକପ

ହରମନପ୍ରୀତ କ୍ୟାପଟେନ୍, ଅମିତ ଉପଅଧିନାୟକ

ନୂଆଦିଲ୍ଲୀ: ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାରେ ଆରମ୍ଭ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ ୨୦୨୩ ପାଇଁ ଆଜି ୧୮ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେବେ ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ସିଂହ। ସେହିପରି ତାଙ୍କ ଡେପୁଟି ଭାବେ ବିଶ୍ୱକପରେ କମାଣ ସମ୍ଭାଳିବେ ଓଡ଼ିଶାର ଅମିତ ରୋହିଦାସ। ପୂର୍ବତନ ଅଧିନାୟକ ମନପ୍ରୀତ ସିଂହ ମିଡ୍ ଫିଲ୍ଡର ଭୂମିକାରେ ରହିବେ। ୨୦୨୩ ଜାନୁଆରୀ ୧୩ରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପରେ ଭାରତ ଗ୍ରୁପ ଡି'ରେ ରହିଛି। ଏହି ଗ୍ରୁପରେ ଭାରତ ସହ ଇଂଲଣ୍ଡ, ସ୍ପେନ ଓ ୱେଲ୍ସ ରହିଛନ୍ତି। ଭାରତ ଜାନୁଆରୀ ୧୩ରେ ତା'ର ପ୍ରଥମ ମ୍ୟାଚ୍ ସ୍ପେନ ବିପକ୍ଷରେ ଖେଳିବ। ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ।

୧୮ ଜଣିଆ ଭାରତୀୟ ଦଳ ଘୋଷଣା ହେବା ପୂର୍ବରୁ ବେଙ୍ଗାଲୁରୁରେ ଥିବା ସାଇ ସେଣ୍ଟରରେ ଟ୍ରାଏଲ ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୩୩ ଜଣ ଖେଳାଳିଙ୍କ ମଧ୍ୟରୁ ୧୮ ଜଣଙ୍କୁ ବିଶ୍ୱକପ ସ୍କ୍ୱାଡରେ ସାମିଲ କରାଯାଇଛି।

ଦଳରେ କ୍ରିଷ୍ଣ ବି ପାଠକ ଓ ଅଭିଜ୍ଞ ପିଆର ଶ୍ରୀଜେଶ ଗୋଲକିପର ଭାବେ ରହିଛନ୍ତି। ଶ୍ରୀଜେଶ ନିଜର ୪ର୍ଥ ବିଶ୍ୱକପ ଖେଳିବେ। ଦଳର ଡିଫେନ୍ସ ବାହିନୀର କମାଣ ଅଧିନାୟକ ହରମପ୍ରୀତ ସିଂହଙ୍କ ସମେତ ଅମିତ ରୋହିଦାସ, ସୁରେନ୍ଦ୍ର କୁମାର, ବରୁଣ କୁମାର, ଜରମନପ୍ରୀତ ସିଂହ ଓ ନୀଲମ ସଞ୍ଜୀପଙ୍କ ଉପରେ ରହିବ। ମିଡଫିଲ୍ଡର ବିବେକ ସାଗର ପ୍ରସାଦ ଦଳକୁ କମବ୍ୟାକ କରିଛନ୍ତି। ଆହତ ଯୋଗୁ ସେ ଅଷ୍ଟ୍ରେଲିଆ ଟୁରରେ ଯାଇ ନଥିଲେ। ଏବେ ସେ ବିଶ୍ୱକପକ ପୂର୍ବରୁ ଦଳକୁ ଫେରିଛନ୍ତି। ତାଙ୍କ ବ୍ୟତୀତ ମିଡଫିଲ୍ଡର ଭାବେ ଦଳରେ ମନପ୍ରୀତ ସିଂହ, ହାର୍ଦ୍ଦିକ ସିଂହ, ନୀଳକଣ୍ଠ ଶର୍ମା, ଶମଶେର ସିଂହ ଓ ଆକାଶଦୀପ ସିଂହ ରହିଛନ୍ତି। ଫରୱାର୍ଡ ଲାଇନଅପରେ ମନଦୀପ ସିଂହ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ ଓ ସୁଖଜୀତ ସିଂହ ରହିଛନ୍ତି। ରାଜକୁମାର ପାଲ ଓ ଜୁଗରାଜ ସିଂହ ସ୍କ୍ୱାଡରେ ଦୁଇ ଅଲଟରନେଟ ଖେଳାଳି ଭାବେ ସ୍ଥାନ ପାଇଛନ୍ତି।

ପର୍ତ୍ତୁଗାଲ ସହ ୮ ବର୍ଷର ସମ୍ପର୍କ ତୁଟାଇଲେ ସାଣ୍ଟୋସ୍

ଦୋହା: କତାରରେ ଚାଲିଥିବା ଫିଫା ଫୁଟବଲ ବିଶ୍ୱକପର କ୍ୱାର୍ଟର ଫାଇନାଲରୁ ବିଦାୟ ନେବା ପରେ ପର୍ତ୍ତୁଗାଲର ମୁଖ୍ୟ କୋଚ୍ ଫର୍ଣ୍ଣାଡୋ ସାଣ୍ଟୋସ ଇସ୍ତଫା ଦେଇଛନ୍ତି। ସେ ଦୀର୍ଘ ୮ ବର୍ଷ ହେଲା ପର୍ତ୍ତୁଗାଲ ଜାତୀୟ ଟିମର କୋଚ୍ ଭାବେ କାମ କରୁଥିଲେ। ହେଲେ ଏବେ ତାଙ୍କୁ ଆଉ ଜାତୀୟ ଟିମ ସହ ଦେଖିବାକୁ ମିଳିବନି। ସେ ତାଙ୍କ ଦାୟିତ୍ୱରୁ ଅବସର ନେଇଥିବା ପର୍ତ୍ତୁଗିଜ ଫୁଟବଲ ଫେଡେରେସନ(ଏଫପିଏଫ) କହିଛି। ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପର୍ତ୍ତୁଗାଲ ୦-୧ରେ ମରକ୍କୋ ଠାରୁ ହାରି ବିଦା ହୋଇଥିଲା। ବିଶ୍ୱର ଅନ୍ୟତମ ମହାନ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି ମ୍ୟାଚ୍‌ର ଦ୍ୱିତୀୟ ହାଫରେ ସବଷ୍ଟିଚ୍ୟୁଟ ହୋଇ ଆସିଥିଲେ। ତଥାପି ସେ ଦଳକୁ ଜିତାଇ ପାରି ନଥିଲେ। ରୋନାଲଡୋଙ୍କୁ ପ୍ରଥମ ହାଫରେ ନ ଖେଳାଇବା ଦଳକୁ ମହଙ୍ଗା ପଡ଼ିଲା ବୋଲି କହି କିଛି ଲୋକ ସାଣ୍ଟୋସଙ୍କୁ ସମାଲୋଚନା ମଧ୍ୟ କରିଥିଲେ।

ଏସବୁ ଭିତରେ ସାଣ୍ଟୋସ ପର୍ତ୍ତୁଗାଲ ଜାତୀୟ ଟିମର ମୁଖ୍ୟ କୋଚ୍ ପଦ ଛାଡ଼ି ଦେଇଛନ୍ତି। ସାଣ୍ଟୋସ ଗୋଟିଏ ଭିଡିଓ ଜାରି କରି କହିଛନ୍ତି, "ପର୍ତ୍ତୁଗାଲକୁ କୋଚିଂ ଦେଇ ମୋ ସ୍ୱପ୍ନ ସାକାର ହୋଇଛି। ମୋ ଜୀବନର ଲକ୍ଷ୍ୟ ପୂରଣ ହୋଇପାରିଛି। ଯେତେବେଳେ ଆପଣ ଗୋଟିଏ ଗ୍ରୁପକୁ ଲିଡ୍ କରନ୍ତି ସେତେବେଳେ ଆପଣଙ୍କୁ କିଛି କଷ୍ଟ ଦାୟକ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଏହା ସତ କଥା ଯେ ଆପଣଙ୍କ ନିଷ୍ପତ୍ତିରେ ସମସ୍ତେ ଖୁସି ହୁଅନ୍ତି ନାହିଁ। ମୁଁ ମଧ ସେମିତି ନିଷ୍ପତ୍ତି ନେଇଥାଏ। ଦଳ ପାଇଁ କ'ଣ ଭଲ ହେବ, ମୁଁ ସବୁବେଳେ ସେକଥା ଭାବିଥାଏ। ଏବେ ମୁଁ ଦଳ ପାଇଁ ଏହି ନିଷ୍ପତ୍ତି ନେଉଛି।"

ସାଣ୍ଟୋସଙ୍କ ଏପରି ଘୋଷଣା ପରେ ଏଫପିଏଫ ତାଙ୍କ ସହ କରିଥିବା ଚୁକ୍ତିକୁ ସହମତି ଭିତ୍ତିରେ ଶେଷ କରି ଦେଇଛି। ସାଣ୍ଟୋସ ୨୦୧୪ରେ ପର୍ତ୍ତୁଗାଲର କୋଚିଂ ଦାୟିତ୍ୱ ନେଇଥିଲେ। ତାଙ୍କ କୋଚିଂରେ ଦଳ ୧୦୯ଟି ମ୍ୟାଚ ଖେଳିଛି। ଏହି ସମୟରେ ପର୍ତ୍ତୁଗାଲ ୨୦୧୬ରେ ୟୁରୋପିଆନ ଚାମ୍ପିୟନ ଓ ୟୁଇଏଫର ପ୍ରଥମ ନ୍ୟାଶନାଲ ଲିଗ ୨୦୧୮-୧୯ ଟ୍ରଫି ବି ହାତେଇବାକୁ ସକ୍ଷମ ହୋଇଛି।

ଡେବ୍ୟୁ କରିବେ ଆଲ୍ଲୁ ଅର୍ଜୁନଙ୍କ ଝିଅ

ହାଇଦ୍ରାବାଦ: ବୟସ ମାତ୍ର ୬ ବର୍ଷ। କିନ୍ତ ଅଭିନୟରେ କୌଣସି ବଡ ତାରକ ଠାରୁ କମ୍ ନୁହନ୍ତି । ନିଜ କ୍ୟୁଟ୍‌ନେସ୍‌ରେ ସମସ୍ତଙ୍କୁ କରିଛନ୍ତି ପାଗଳ। ସୋଶାଲ ମିଡିଆ ପରେ ଏବେ ବଡ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି ସାଉଥ ସୁପରଷ୍ଟାର ତଥା ପୁଷ୍ପା ଫେମ୍ ଅଭିନେତା ଆଲ୍ଲୁ ଅର୍ଜୁନଙ୍କ ଝିଅ ଆରହା। ସାଉଥର ହିଟ୍ ଅଭିନେତ୍ରୀ ସମନ୍ଥା ରୁଥ ପ୍ରଭୁଙ୍କ ସହ ସ୍କ୍ରିନ୍ ଶେଆର କରିବେ ଆରହା। ଅପ୍‌କମିଂ ସାଉଥ ଫିଲ୍ମ 'ଶକୁନ୍ତଲମ୍'ରେ ଡେବ୍ୟୁ କରିବେ ଆରହା। ଏହି ଖବର ଶୁଣି ଖୁସିରେ ଫାଟି ପଡିଛନ୍ତି ଅଭିନେତା ଆଲ୍ଲୁ ଅର୍ଜୁନ ଓ ତାଙ୍କ ପତ୍ନୀ। ନିକଟରେ ଆଲ୍ଲୁ ଏକ ସାକ୍ଷାତକାରରେ କହିଥିଲେ ଯେ, ଆରହା ଏବେ ବେଶ୍ ଛୋଟ। ପାଠ ପଢ଼ିବା ସାରିବା ପରେ ସେ ନିଜ ଫିଲ୍ମ କ୍ୟାରିୟର ଆରମ୍ଭ କରିବେ। କିନ୍ତୁ ଆଲ୍ଲୁଙ୍କ ଏହି କଥା ଏବେ ଭୁଲ ପ୍ରମାଣିତ ହେବାକୁ ଯାଉଛି। ଆରହା ୬ ବର୍ଷ ବୟସରୁ ହିଁ ନିଜର ଫିଲ୍ମ କ୍ୟାରିୟର୍ ଆରମ୍ଭ କରିବାକୁ ଯାଉଛନ୍ତି। ଏନେଇ ଆଲ୍ଲୁ ଅର୍ଜୁନ କହିଛନ୍ତି, ଛୋଟ ବୟସରେ ଆରହା ଯଦି ବଡ ସଫଳତା ନିଜ ନାଁରେ କରିପାରିଛନ୍ତି ତେବେ ବାପା ହିସାବରେ ମୁ ବେଶ୍ ଗର୍ବିତ। ମୁଁ ତାକୁ ଅନ୍‌ସ୍କ୍ରିନ୍‌ରେ ଦେଖି କିଭଳି ଅନୁଭବ କରିବି ଆଉ କିଭଳି ରିଆକ୍ଟ କରିବି ତାହା ମୁଁ ନିଜେ ଜାଣିନି। ୨୦୧୬ ନଭେମ୍ବର ୨୧ରେ ଜନ୍ମ ଗ୍ରହଣ କରିଥିଲେ ଆରହା। ତାଙ୍କୁ ବର୍ତ୍ତମାନ ୬ ବର୍ଷ ବୟସ ହୋଇଛି। ଆରହାଙ୍କ ବଡ ଭାଇ ମଧ ଅଛନ୍ତି, ତାଙ୍କ ନାଁ ଆଲ୍ଲୁ ଅୟାନ୍।

ଫେବୃଆରୀରେ ବାହା ହେବେ କିଆରା ଓ ସିଦ୍ଧାର୍ଥ !

ମୁମ୍ବାଇ: ବି ଟାଉନ୍‌ର ଟୁ ବିୟୁ ଟିଫୁଲ ରୋଜେସ ଅଭିନେତ୍ରୀ କିଆରା ଆଡଭାନୀ ଓ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ବିବାହ ତାରିଖ ସ୍ଥିର ହୋଇଛି। କିଆରା ନିଜ ଲଙ୍ଗ ଟାଇମ୍ ବୟଫ୍ରେଣ୍ଡ ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ଜୀବନ ସାଥୀ କରିବେ। ଆସନ୍ତାବର୍ଷ ଫେବୃଆରୀ ୬ରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହେବେ। ଏନେଇ ଉଭୟଙ୍କ ପରିବାର ଲୋକ ରାଜି ହୋଇଥିବା ଇ-ଟାଇମ୍ସରେ ରିପୋର୍ଟ ପ୍ରକାଶ ପାଇଛି।

ଇ-ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କିଆରା ଓ ସିଦ୍ଧାର୍ଥଙ୍କ ବାହାଘର ରାଜସ୍ଥାନର ଜୈସଲମରରେ ଅନୁଷ୍ଠିତ ହେବ। ଫେବୃଆରୀରେ ଏହି ପ୍ରେମ ପକ୍ଷୀ ବିବାହ କରିବାକୁ ଯାଉଥିବା ବେଳେ ୨ ଦିନ ଧରି ଅର୍ଥାତ ଫେବୃଆରୀ ୪ ଓ ୫ ତାରିଖରେ ପ୍ରି ୱେଡିଙ୍ଗ ସେରିମନି ଆୟୋଜନ କରାଯିବ।

ବନ୍ଧୁ ଓ ପରିବାର ଲୋକଙ୍କ ଉପସ୍ଥିତିରେ ମହେନ୍ଦୀ, ହଳଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ କରିବାକୁ ଯୋଜନା କରାଯାଇଛି। ଏହି ପ୍ରି ୱେଡିଙ୍ଗ କାର୍ଯ୍ୟକ୍ରମ ପରେ ୬ ତାରିଖରେ ଉଭୟ ବିବାହ କରିବେ।

ବାହାଘର ପ୍ୟାଲେସ ହୋଟେଲରେ ହେବ। ଅତ୍ୟନ୍ତ ଭବ୍ୟ ଓ ଜାକଜମରେ ହେବାକୁ ଥିବା ଏହି ସେଲେବ୍ରିଟି ବିବାହ କାର୍ଯ୍ୟକ୍ରମରେ ହାଇ ସିକ୍ୟୁରିଟିର ବ୍ୟବସ୍ଥା କରାଯିବ ବୋଲି ଇଟାଇମ୍ସ କହିଛି।

ଶେରଶାହରେ ଏକାଠି ଅଭିନୟ କରିଥିବା ସିଦ୍ଧାର୍ଥ ଓ କିଆରା ୨୦୨୦ରୁ ପରସ୍ପରକୁ ଡେଟିଂ କରୁଛନ୍ତି। ଅନେକ ସମୟରେ ଏହି ପ୍ରେମୀ ଯୁଗଳଙ୍କୁ ଏକାଠି ବୁଲୁଥିବା ଦେଖିବାକୁ ମିଳିଥିଲା। ୨ ବର୍ଷର ପ୍ରେମ ସମ୍ପର୍କ ପରେ ଉଭୟ ଏବେ ବାହା ହେବାକୁ ନିଷ୍ପତ୍ତି ନେଇଛନ୍ତି।

କରନ ବାହାଘର ଯୋଜନା ସମ୍ପର୍କରେ ପଚାରିଥିଲେ। ଏହାର ଉତ୍ତରରେ କିଆରା କହିଥିଲେ ଯେ "ମୁଁ ମୋ ଜୀବନରେ ବାହାଘର ଦେଖୁଛି। କିନ୍ତୁ ଏକଥା ମୁଁ କଫି ୱିଥ କରନ ଶୋ'ରେ ଖୁଲାସା କରିବି ନାହିଁ।" ଆଉ ଏକ ଏପିସୋଡରେ କରନଙ୍କ ଶୋ'ଙ୍କୁ ସିଦ୍ଧାର୍ଥ ଆସିଥିଲେ। ସେ ମଧ ପରୋକ୍ଷରେ କିଆରାଙ୍କୁ ଭଲ ପାଉଥିବା ସ୍ୱୀକାର କରିଥିଲେ।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty